# ଶ୍ରୀକ୍ଷେତ୍ର ସିଟି

୨୪/୩/୨୦୨୪ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୩,୫୯,୯୨୪/- ସୁନା: ୦୦.୮୫୦ ଗ୍ରାମ୍ ରୁପା: ୮.୦୦୦ ଗ୍ରାମ୍





### ଦୋଳ ପୂର୍ଣ୍ଣମୀ ଭିଡ଼ ନିୟନ୍ତ୍ରଣ
## ଶ୍ରୀମନ୍ଦିରରେ ମୁତୟନ ହେବେ ୨୦ ସେକ୍ସନ୍ ଫୋର୍ସ

**ପୁରୀ, ୨୪।୩(ସମିସ):** ଦୋଳପୂର୍ଣ୍ଣମୀ ପାଇଁ ଶ୍ରୀମନ୍ଦିରରେ ପ୍ରବଳ ଭିଡ଼ ହେବ। ଯେ ହେତୁ ରତ୍ନସିଂହାସନରେ ଚତୁର୍ଦ୍ଧାବିଗ୍ରହଙ୍କ ସୁନାବେଶ ହେବ ଦର୍ଶନ ପାଇଁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଆସିବେ। ତେଣୁ ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ପୁଲିସ ବ୍ୟବସ୍ଥା ହୋଇଛି। ୨ ଜଣ ଅତିରିକ୍ତ ଏସ୍‌ପି ଓ ଡେପୁଟି କମାଣ୍ଡାଣ୍ଟ, ୭ ଜଣ ଡିଏସ୍‌ପି ଓ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ୧୧ ଜଣ ଇନ୍ସପେକ୍ଟର, ୨୫ ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୮ ଜଣ ହାବିଲଦାର, ୬ ଜଣ ଟ୍ରାଫିକ୍ କନେଷ୍ଟବଳ, ୨୮ ମହିଳା କନେଷ୍ଟବଳ, ୪ ଜଣ ହୋମ୍‌ଗାର୍ଡ, ୬ ଜଣ ଜେଟିପିଙ୍କ ସହ ୨୦ ସେକ୍ସନ୍ ଫୋର୍ସ ମୁତୟନ କରାଯିବ ବୋଲି ଏସ୍‌ପି ପିନାକ ମିଶ୍ର ସୂଚନା ଦେଇଛନ୍ତି।

## ନିଖିଳ ଉତ୍କଳ ପାଟରା ସମିତି ପକ୍ଷରୁ ପ୍ରଶିକ୍ଷଣ

**ପୁରୀ, ୨୪।୩(ସମିସ):** ଆସନ୍ତା ଏପ୍ରିଲ ୬ ଓ ୭ ତାରିଖ ଦୁଇଦିନ ବ୍ୟାପି ପାରମ୍ପରିକ ପଦାଧିକାରୀ ସମାବେଶ ଏବଂ ଥାନପତି, ବଡ଼ ଥାନପତିମାନଙ୍କ ପ୍ରଶିକ୍ଷଣ ନିଖିଳ ଉତ୍କଳ ପାଟରା ସମିତି ପକ୍ଷରୁ ପାଟରା ମଠ କୁଣ୍ଢେଇବେଣ୍ଟ ସାହିଠାରେ ଅନୁଷ୍ଠିତ ହେବ। ଏହା ପୂର୍ବରୁ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ସରିଯାଇଛି। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସଭାପତି ମନୋଜ କୁମାର ସାହୁ, କୃଷ୍ଣଚନ୍ଦ୍ର ପାତ୍ର, ରବୀନ୍ଦ୍ରନାଥ ସେନାପତି, ଆଲୋକ କୁମାର ସାହୁ ଓ ଉପଦେଷ୍ଟା ନାରାୟଣ ପାତ୍ର ଅଂଶଗ୍ରହଣ କରିଥିଲେ। ଆଗାମୀ ଦୁଇଦିନିଆ ସମାବେଶ ସହ ପ୍ରଶିକ୍ଷଣକୁ ସଫଳ କରିବା ପାଇଁ ବିବିଧ ପ୍ରସ୍ତାବ ଗ୍ରହଣ କରାଯାଇଛି।

## ସମାଜସେବୀଙ୍କ ପରଲୋକ

**ପୁରୀ, ୨୪।୩(ସମିସ):** ବିଭିନ୍ନ ସାମାଜିକ ଅନୁଷ୍ଠାନର ଜଣେ ସକ୍ରିୟ କର୍ମବୀର ଭାବେ କାମ କରି ଏକ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ସତ୍ୟନାରାୟଣ ମିଶ୍ରଙ୍କର ପରଲୋକ ହୋଇଯାଇଛି। ସେ ଜଣେ କର୍ମଯୋଗୀ ଓ ଧର୍ମଯୋଗୀ ଥିଲେ। ହଠାତ ଅସୁସ୍ଥ ହୋଇ ଚିକିତ୍ସା ପାଇଁ ବାଙ୍ଗାଲୋର ଯାଇଥିବା ବେଳେ ସେଠାରେ ତାଙ୍କର ପରଲୋକ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସାନ ଝିଅ ଆୟଶା ମୁଖାଗ୍ନି ଦେଇଥିବାବେଳେ ବଡ ଝିଅ ମନୀଶାଙ୍କ ସମେତ ଅନ୍ୟ ସମ୍ପର୍କୀୟ ଓ ବୁଦ୍ଧିଜୀବୀ ଉପସ୍ଥିତ ରହି ଦିବଙ୍ଗତ ଆତ୍ମାର ସଦଗତି କାମନା କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ୱାଟର୍ ୱାର୍କସ୍ ରୋଡ୍‌ରେ ସୁନ୍ଦରାକାଣ୍ଡ

**ପୁରୀ, ୨୪।୩(ସମିସ):** ସ୍ଥାନୀୟ ୨୭ ନଂ. ୱାର୍ଡ ୱାର୍ଟର ୱାର୍କସ ରୋଡ ସୁଜନ କମ୍ୟୁନିକେଶନ ନିକଟରେ ସୋମବାର ସୁନ୍ଦରାକାଣ୍ଡ ମହୋତ୍ସବ ଅନୁଷ୍ଠିତ ହେବ। ପବିତ୍ର ଦୋଳ ପୂର୍ଣ୍ଣିମା ଉପଲକ୍ଷେ ସ୍ଥାନୀୟ ଅଞ୍ଚଳବାସୀ ଏଭଳି ଏକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି। ସନ୍ଧ୍ୟା ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଏହି ସୁନ୍ଦରାକାଣ୍ଡ ମହୋତ୍ସବ ଚାଲିବ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଠାକୁରଙ୍କ ବିଭୂକୃପା ଲାଭ କରିବାକୁ ୱାର୍ଡର ସଞ୍ଜୀବ କୁମାର ମୁଖାର୍ଜୀ, ସନାତନ ଦାସ, ମାନସ କୁମାର ଲେଙ୍କା, ଦିଲ୍ଲୀପ କୁମାର ଲେଙ୍କା, ଶଙ୍କର୍ଷଣ ରାଉତ, ବୈଦ୍ୟନାଥ ଷଡ଼ଙ୍ଗୀ, ମନୋଜ କୁମାର ଦାସ, ରାଧାନାଥ ଷଡ଼ଙ୍ଗୀ, ପର୍ଶୁ ରାଓ, ଦୀନବନ୍ଧୁ ମହାପାତ୍ର, ପବିତ୍ର କୁମାର ମଣ୍ଡଳ ପ୍ରମୁଖ ନିବେଦନ କରିଛନ୍ତି।



ଶ୍ରୀକ୍ଷେତ୍ରରେ ମେଣ୍ଢାପୋଡ଼ି ନୀତି

### ଅର୍ଡର ଦେଇଥିଲେ ଶ୍ରୀମନ୍ଦିର ବାନା
# ଆସିଲା ଦଳୀୟ ପତାକା

**ପୁରୀ, ୨୪।୩(ସମିସ)**

କିଛିଦିନ ପୂର୍ବରୁ ଆମାଜାନ୍‌ରେ ଶ୍ରୀମନ୍ଦିର ବାନା ବିକ୍ରି ହେଉଥିବା ଜଣାପଡ଼ିଥିଲା। ଏହାକୁ ନେଇ ଚୁନରା ସେବାୟତ ଆପତ୍ତି ଉଠାଇଥିଲେ। ହେଲେ ମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାବେଳେ ଏବେ ଅନ୍‌ଲାଇନରେ ବାନା ମଗାଇ ଠକେଇର ଶିକାର ହୋଇଛନ୍ତି ପୁରୀର ଭଗବାନ ମହାପାତ୍ର। ସେ ନୀଳଚକ୍ର ବାନା ମଗାଇଥିଲେ, ହେଲେ ତାଙ୍କ ପାଖରେ ପହଞ୍ଚିଲା ବିଜେପି ଦଳୀୟ ପତାକା। ଅନ୍‌ଲାଇନରେ ସାମଗ୍ରୀ ମଗାଇ ଠକାମିର ଶିକାର ହୋଇଛନ୍ତି ଭଗବାନ। କିଛିଦିନ ତଳେ ଆମାଜନ୍ କମ୍ପାନୀ ମାଧ୍ୟମରେ ଶ୍ରୀମନ୍ଦିର ବାନା ବିକ୍ରି ହେଉଥିବା ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହା ଜାଣିବା ପରେ ପୁରୀ ବାସିନ୍ଦା ହିସାବରେ ପରୀକ୍ଷା କରିବା ପାଇଁ ଭଗବାନ ଗତ ୧୫ ତାରିଖରେ ଅର୍ଡର କରିଥିଲେ। ବିକ୍ରି ହେଉଥିବା ବାନାର ଦାମ ୯୯୯ ଟଙ୍କା ବୋଲି ଉଲ୍ଲେଖ ରହିଥିଲା। ଏକ ପ୍ରତିଶତ ରିହାତି ହିସାବରେ ସେ ୮୮୯ ଟଙ୍କା ଦେଇ ୧୯ ତାରିଖ ଦିନ ଏହି ଅର୍ଡର ତାଙ୍କ ନିକଟରେ ଆସି ପହଞ୍ଚିଥିଲା। ପ୍ରଥମତଃ ମହାପ୍ରଭୁଙ୍କ ବାନା ବିକ୍ରି କରିବା ଅଧିକାର ଚୁନରା ସେବକଙ୍କର। ଦ୍ୱିତୀୟତଃ କୌଣସି ଅନୁଷ୍ଠାନ କିମ୍ବା ବ୍ୟକ୍ତିବିଶେଷ ମହାପ୍ରଭୁଙ୍କ ବାନା ବିକ୍ରି କରିପାରିବେ ନାହିଁ। ଏ ସମ୍ପର୍କରେ କ୍ରେତା ଭଗବାନ ମହାପାତ୍ର ବିକ୍ରେତାଙ୍କୁ ଅନ୍‌ଲାଇନ ମାଧ୍ୟମରେ ପ୍ରଶ୍ନ ପଚାରିଥିଲେ। ଉତ୍ତରରେ ପ୍ରଭୁଙ୍କ ବାନା ବିକ୍ରି କରିବା ଆଇନତଃ କୌଣସି ଅପରାଧ ନୁହେଁ ବୋଲି ଉତ୍ତର ଦିଆଯାଇଥିଲା। ପରେ ସେ ବାନା ଅର୍ଡର କରିଥିଲେ। ରବିବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ବାନା ଦେଖାଇଥିଲେ। ପ୍ୟାକେଟରୁ କାଢିବା ପରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇପଡ଼ିଥିଲେ। ଶ୍ରୀମନ୍ଦିର ବାନା ବଦଳରେ ବାହାରିଥିଲା ବିଜେପି ଦଳୀୟ ପତାକା। ସେ କେବଳ ଠକାମିର ଶିକାର ହୋଇନାହାନ୍ତି ବରଂ ତାଙ୍କ ଭାବନା ସହ ଖେଳ ଖେଳାଯାଇଛି। ଏଭଳି ଠକାମୀ ବିରୁଦ୍ଧରେ ସେ ଖାଉଟି ଅଦାଲତ ଓ କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



ଶ୍ରୀଜୀଉଙ୍କ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କ ଭିଡ଼



ପୁରୀ ସହରରେ ଭଳିକି ଭଳି ହୋଲି ରଙ୍ଗର ପସରା

### ଉମାଙ୍କୁ ଭବ୍ୟ ସ୍ୱାଗତ କଲେ ବ୍ରହ୍ମଗିରିବାସୀ
## ଅଲାରନାଥଙ୍କ ଦର୍ଶନ କରି ଆଶୀର୍ବାଦ ନେଲେ



**ପୁରୀ, ୨୪।୩(ସମିସ)**

ଜୋର୍ ଧରିଲାଣି ନିର୍ବାଚନୀ ତାତି। ଆଶାୟୀମାନେ ନିଜ ନିଜ ଅଞ୍ଚଳରେ ବେଶ୍ ତତ୍ପର ହେଲେଣି। ବିଧିବଦ୍ଧ ଭାବେ ନାଁ ଘୋଷଣା ହୋଇ ନ ଥିଲେ ମଧ୍ୟ ଆଶାୟୀମାନେ ନିଜ ସମର୍ଥକଙ୍କୁ ଧରି ଭୋଟରଙ୍କ ପାଖରେ ପହଞ୍ଚିଲେଣି। ସଭା ସମିତି ମାଧ୍ୟମରେ ଭୋଟରଙ୍କୁ ମନେଇବା ଆରମ୍ଭ କଲେଣି। ପୁରୀ ସଂସଦୀୟ କ୍ଷେତ୍ରରେ ବି ଆଶାୟୀମାନେ ବେଶ୍ ସକ୍ରିୟ ହେଲେଣି। ଏହି କ୍ରମରେ ରବିବାର ବ୍ରହ୍ମଗିରିର ଆରାଧ୍ୟ ପ୍ରଭୁ ଅଲାରନାଥଙ୍କୁ ଦର୍ଶନ କରିଛନ୍ତି ଉମାକାନ୍ତ ସାମନ୍ତରାୟ। ବ୍ରହ୍ମଗିରିବାସୀ ମଧ୍ୟ ଉମାଙ୍କୁ ଭବ୍ୟ ସ୍ୱାଗତ କରିଛନ୍ତି।

ଏଥର ବ୍ରହ୍ମଗିରିରୁ ଉମା ବିଜେଡିରୁ ପ୍ରାର୍ଥୀ ହେଉଥିବା ଚର୍ଚ୍ଚା ଭିତରେ ରବିବାର ସେ ବ୍ରହ୍ମଗିରିରେ ବିଶାଳ ଶୋଭାଯାତ୍ରା କରିଛନ୍ତି। ପ୍ରଭୁ ଅଲାରନାଥଙ୍କୁ ଦର୍ଶନ କରି ଆଶୀର୍ବାଦ ନେବା ପରେ ଉମାଙ୍କୁ ବ୍ରହ୍ମଗିରିବାସୀ ବିପୁଳ ମାତ୍ରାରେ ସ୍ୱାଗତ କରିଥିଲେ। ଉମାଙ୍କ ଆଗମନକୁ ନେଇ ବ୍ରହ୍ମଗିରି ବିଜେଡିରେ ନୂଆ ଉନ୍ମାଦନା ଦେଖିବାକୁ ମିଳିଛି। ବ୍ରହ୍ମଗିରି ବିଜେଡି ତରଫରୁ ଗିରଳ ଛକଠାରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ପରେ ଗୋରୁଆଳ ଛକ, ଜଗନ୍ନାଥ ରୋଡ଼ରେ କପିଳେଶ୍ୱର ପଞ୍ଚାୟତ, ରେବେଣା ନୂଆଗାଁ ଓ ବ୍ଲକ ଛକଠାରେ ବିଜେଡି କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇ ପୁଷ୍ପଗୁଚ୍ଛ ଓ ଫୁଲମାଳ ଦେଇ ଉମାଙ୍କୁ ସ୍ୱାଗତ କରିଥିଲେ। ଅଲାରନାଥଙ୍କ ଦର୍ଶନ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଓ ଜନମଙ୍ଗଳ ଯୋଜନା ତାଙ୍କୁ ବ୍ରହ୍ମଗିରିରେ ପ୍ରବେଶ ପାଇଁ ସୁଯୋଗ ଦେଇଛି। ନିଶ୍ଚିତ ବ୍ରହ୍ମଗିରିବାସୀ ତାଙ୍କୁ ଆଶୀର୍ବାଦ ଦେବେ।

## ସମୁଦ୍ରରେ ବୁଡ଼ିଯାଇ ଯୁବକ ମୃତ

**ପୁରୀ, ୨୪।୩(ସମିସ):** ରବିବାର ପୁରୀ ସମୁଦ୍ରରେ ବୁଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ପରିଚୟ ଜଣାପଡ଼ି ନ ଥିବା ଏହି ଯୁବକ କେଉଁଠି ଗାଧୋଉଥିଲେ ଏବଂ କିପରି ବୁଡ଼ିଗଲେ ତାହା ସ୍ପଷ୍ଟ ହୋଇନାହିଁ। ସମୁଦ୍ରକୂଳ ଥାନା ପୁଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ରଖାଯାଇଛି। ଲାଇଫ୍‌ଗାର୍ଡ ଅଧିକାରୀଙ୍କ ସୂଚନା ଅନୁଯାୟୀ, ରବିବାର ବ୍ଲୁ ଫ୍ଲାଗ ବିଚରେ ପର୍ଯ୍ୟଟକଙ୍କ ଭିଡ଼ ଥିଲା। ତେବେ ମଧ୍ୟାହ୍ନରେ ଜଣେ ଯୁବକଙ୍କ ମୃତଦେହ ଭାସୁଥିବା ସେଠାରେ ମୁତୟନ ଥିବା ଲାଇଫ୍‌ଗାର୍ଡ ଦେଖିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଉପରକୁ ଆଣିଥିଲେ। ଏ ନେଇ ସେମାନେ ସମୁଦ୍ରକୂଳ ଥାନା ପୁଲିସକୁ ଖବର ଦେଇଥିଲେ। ପୁଲିସ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଯୁବକଙ୍କ ପରିଚୟ ଜଣାପଡ଼ି ନ ଥିବାବେଳେ ଏ ନେଇ କୌଣସି ଥାନାରେ ରବିବାର ନିଖୋଜ ମାମଲା ହୋଇ ନ ଥିବା ସମୁଦ୍ରକୂଳ ଥାନା ଆଇଆଇସି ମାନସ ଚକ୍ର କହିଛନ୍ତି। ଅନ୍ୟପକ୍ଷରେ ରବିବାର ସମୁଦ୍ରରେ ବୁଡ଼ିଯାଉଥିବା ବେଳେ ଲାଇଫ୍‌ଗାର୍ଡମାନେ ୩ ପର୍ଯ୍ୟଟକଙ୍କୁ ଉଦ୍ଧାର କରିଛନ୍ତି। ବ୍ଲୁ ଫ୍ଲାଗ ସମୁଦ୍ରରେ ଗାଧୋଉଥିବା ବେଳେ ଭୁବନେଶ୍ୱର ରସୁଲଗଡ଼ ଅଞ୍ଚଳର ନେତ୍ରାନନ୍ଦ ସାହୁ (୨୦) ଓ ବାସୁ ସାହୁ (୨୧)ଙ୍କୁ ଉଦ୍ଧାର କରାଯାଇଥିବା ବେଳେ ହୋଟେଲ କାମେଲିଆ ସମ୍ମୁଖରୁ ପଶ୍ଚିମବଙ୍ଗ ହାୱଡାର ରାଜା ଦାସଙ୍କୁ ଲାଇଫ୍‌ଗାର୍ଡ ଉଦ୍ଧାର କରିଛନ୍ତି।

### କଳିଙ୍ଗ ସ୍ମାର୍ଟ ସ୍କୁଲର ବାର୍ଷିକ ଉତ୍ସବ
## ବଡ଼ ନୁହେଁ, ଭଲ ମଣିଷ ଗଢ଼



**ପୁରୀ, ୨୪।୩(ସମିସ):** ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ କଳିଙ୍ଗ ସ୍ମାର୍ଟ ସ୍କୁଲ ଓ ପ୍ରିମିୟର୍ ଇନଷ୍ଟିଚ୍ୟୁଟ ଅଫ୍ କମ୍ପ୍ୟୁଟର ଷ୍ଟଡିଜ୍‌ର ଷଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଆଇନଜୀବୀ ଦିଗମ୍ବର ବେହେରାଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଉତ୍ସବକୁ ଉଦ୍‌ଘାଟନ କରି କହିଥିଲେ ଯେ, ସମାଜକୁ ସୁସ୍ଥ, ବିକଶିତ, ସଶକ୍ତ ଓ ସମୃଦ୍ଧ କରିବାକୁ ହେଲେ ସୁନାଗରିକମାନଙ୍କର ଆବଶ୍ୟକତା ରହିଛି। ତେଣୁ ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀ ପିଲାମାନଙ୍କୁ ଭବିଷ୍ୟତରେ ବଡ଼ ମଣିଷ ନୁହେଁ ବରଂ ଭଲ ମଣିଷ ରୂପେ ଗଢ଼ି ତୋଳିବାକୁ ନିଷ୍ଠାର ସହିତ ଉଦ୍ୟମ କରିବାକୁ ପଡ଼ିବ। ଏଥିରେ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ମମତା ମିଶ୍ର ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ପୁରୀ ପୁସ୍ତକ ମେଳା କମିଟି ସମ୍ପାଦକ ଚକ୍ରଧର ମହାପାତ୍ର, ବ୍ଲକ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର କର, ସମାଜସେବୀ ସୁନୀତା ପାତ୍ର, ସମାଜସେବୀ ମନୋଜ କୁମାର ରଥ, ନେହେରୁ ଯୁବ କେନ୍ଦ୍ର ଜିଲ୍ଲା ଅଧିକାରୀ ଜୟଶଙ୍କର ଯୋଶୀ, ସମାଜସେବୀ ଜୟକୃଷ୍ଣ ଶତପଥୀ ଏବଂ ଶିଳ୍ପପତି ଲକ୍ଷ୍ମୀଧର ମହାନ୍ତି ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। କ୍ଷେତ୍ରମୋହନ ଫାଉଣ୍ଡେଶନର ପ୍ରତିଷ୍ଠାତା କୁନ୍ତଳା ପ୍ରଧାନ ମଞ୍ଚରେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ନିର୍ଦ୍ଦେଶକ ସମାଜସେବୀ ସଞ୍ଜୟ କୁମାର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟ ବାର୍ଷିକ କ୍ରୀଡା ଓ ପ୍ରତିଭା ଚୟନ ପ୍ରତିଯୋଗିତାରେ ଉତ୍କର୍ଷ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ୮୪ ଜଣ ଅଭିଭାବକଙ୍କୁ କଳିଙ୍ଗ ଅଭିଭାବକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାମଦେବ ରାଉତରାୟଙ୍କୁ କଳିଙ୍ଗ ଗୁରୁ ସମ୍ମାନ, ସମାଜସେବୀ ରୁଦ୍ର ନାରାୟଣ ରଥଙ୍କୁ କଳିଙ୍ଗ ସେବା ସମ୍ମାନ ଓ ଆସୋସିଏଶନ ଅଫ୍ ଟୁଇଟର୍ ଆକ୍ଟିଭିଷ୍ଟ ସାମାଜିକ ଅନୁଷ୍ଠାନକୁ କଳିଙ୍ଗ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଫାଉଣ୍ଡେଶନର ଅଧ୍ୟକ୍ଷ ପ୍ରଦୀପ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। କଳିଙ୍ଗ ସ୍ମାର୍ଟ ସ୍କୁଲର ଅଧ୍ୟକ୍ଷା ସୁଶ୍ରୀ ପ୍ରଜ୍ଞା ଶୁଭମିତା ପ୍ରତିହାରୀ ଉତ୍ସବର ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ସଙ୍ଗୀତାରାଣୀ ଜେନା, ସାଗରିକା ପ୍ରଧାନ, ପ୍ରିୟଙ୍କା ରଥ, ବର୍ଷାରାଣୀ ନାଥ, ଜ୍ଞାନଜ୍ୟୋତି ସିଂ, ବିଶ୍ୱଜିତା ମିଶ୍ର, ଐଶ୍ୱର୍ଯ୍ୟା ମହାନ୍ତି, ଲିଲି ସାହୁ, ସମ୍ପାଦକ ଅନୀଲ କୁମାର ସାହୁ ଓ ଦେବେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଉତ୍ସବକୁ ପରିଚାଳନା କରିଥିଲେ।

## ଆନନ୍ଦୀ ଚୌକା ଆରତୀ ଉତ୍ସବ

**ପୁରୀ, ୨୪।୩(ସମିସ):** ସ୍ଥାନୀୟ କବୀର ଚୌରା ମଠରେ ରବିବାର ମହାଯଜ୍ଞ ଓ ଆନନ୍ଦୀ ଚୌକା ଆରତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଚୌକା ଆରତୀ ହେଉଛି ବାସ୍ତବରେ ଗୁରୁ ପ୍ରଣାଳୀର ପୂଜନ। ମୁଖ୍ୟତଃ ସେମାନେ ଚାରି ପୂର୍ବପୁରୁଷ ଗୁରୁଙ୍କୁ ଆରାଧନା କରିଥାନ୍ତି। ଅର୍ଥାତ୍ ଚାରି ବେଦଙ୍କ ପୂଜନ ସହିତ କବିରଜୀଙ୍କ ମତ ଅନୁସାରେ ବେଦର ସ୍ରଷ୍ଟାଙ୍କ ସହିତ ବେଦ ପୂଜା କରାଯାଏ। ନିଜ ପରିବାର ସୁଖ ଏବଂ ଜଗତ ମଙ୍ଗଳ ଉଦ୍ଦେଶ୍ୟରେ ଏହି ଆନନ୍ଦୀ ଚୌକା ଆରତୀ ଅନୁଷ୍ଠିତ ହୋଇଥିଲା। ଏହି ଆରତୀ



କେବଳ କବୀର ପୀଠର ପିଠାଧୀଶ୍ୱର ଓ ମହନ୍ତ ହିଁ କରିପାରିବେ ବୋଲି ନିୟମ ରହିଛି। ସେହି ଅନୁଯାୟୀ, କବୀର ଚୌରା ମଠର ମହନ୍ତ ଲକ୍ଷ୍ମୀଧର ଦାସ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଓଡ଼ିଶା, ଛତିଶଗଡ଼, ରାଜସ୍ଥାନ, ବଙ୍ଗଳା, ଗୁଜରାଟ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର ପ୍ରମୁଖ ରାଜ୍ୟରୁ ଭକ୍ତମାନେ ଯୋଗଦେଇଥିଲେ। ଶେଷରେ ଭକ୍ତ ମାନଙ୍କୁ ପୂଜ୍ୟ ପ୍ରସାଦ ବିତରଣ କରିଥିଲେ। କାଶୀରୁ କବୀର ଚୌରା ମଠ ମହନ୍ତ ଗୋପାଳ ଦାସ ଶାସ୍ତ୍ରୀ, ମହନ୍ତ ରାଜେଶ୍ୱର ଦାସ, ଛତିଶଗଡ଼ ମହନ୍ତ ହନୁମାନ ଦାସ, ଉମେଶ ଦାସ ସ୍ୱାଧୀ, ଲକ୍ଷ୍ମୀ ସାହେବ, ବିଷ୍ଣୁ ଦାସ, ଜିତେନ୍ଦ୍ର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଜାତୀୟ ନାଟକ ମହୋତ୍ସବ ଉଦ୍‌ଯାପିତ
# ‘କାନ୍ଦ ମାଷ୍ଟ୍ରେ’ରେ ବାହାଘର କାନ୍ଦର ବିଲୁପ୍ତ କଥା

**ପୁରୀ, ୨୪।୩(ସମିସ)**



ରଙ୍ଗଶାଳା ପକ୍ଷରୁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ଚାରିଦିନିଆ ୧୪ତମ ଜାତୀୟ ନାଟ୍ୟ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ସମ୍ମାନିତ ଅତିଥି ଭାବେ ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ର, ବରିଷ୍ଠ କଳାକାର ଭରତ ଚନ୍ଦ୍ର ନାୟକ, ଗଣେଶ୍ୱର ମହାପାତ୍ର, ଶିବସୁନ୍ଦର ମିଶ୍ର, ଗୋବିନ୍ଦ ଚନ୍ଦ୍ର ମହାନ୍ତି, ସାମାଜିକ କର୍ମୀ ସୁରେଶ କୁମାର ନନ୍ଦ, ଉପସ୍ଥାପିକା ମୌଳିକାନ୍ତା ମିଶ୍ର ଏବଂ ଅନୁଷ୍ଠାନର ନିର୍ଦ୍ଦେଶକ ବିକ୍ରମ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନାଟ୍ୟ ସଞ୍ଜିବନୀ ବ୍ୟୋମକେଶ ତ୍ରିପାଠୀ ସମ୍ମାନରେ ବିଶିଷ୍ଟ ହାସ୍ୟ ଅଭିନେତା ହରିହର ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ମଧୁସ୍ମିତା ସାହୁ ଏବଂ ସମ୍ବର୍ଦ୍ଧନା କାର୍ଯ୍ୟ ପରିଚାଳନା କରିଥିଲେ ଶ୍ୟାମପ୍ରକାଶ ସେନାପତି।

ସଭା ଏବଂ ସମ୍ବର୍ଦ୍ଧନା ପର୍ବ ପରେ ରଙ୍ଗଶାଳା ପକ୍ଷରୁ ଚତୁର୍ଥ ତଥା ଉଦ୍‌ଯାପନୀ ସନ୍ଧ୍ୟାରେ ନାଟକ ଭିକ୍ଟ୍ରିୟର ଥିଏଟର ଭୁବନେଶ୍ୱର ପକ୍ଷରୁ ନାଟ୍ୟକାର ଜାକୀର ଖାନ୍‌ଙ୍କ ଦ୍ୱାରା ଲିଖିତ ହିମାଂଶୁ ଶେଖର ମହାନ୍ତିଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ହୋଇଥିଲା ସାମାଜିକ ନାଟକ ‘କାନ୍ଦ ମାଷ୍ଟ୍ରେ’। ଏଥିରେ ଆମ ସମାଜରେ ଉନ୍ନତିକରଣ କିପରି ଆମ ପାରମ୍ପରିକ କଳା ସାହିତ୍ୟର ବିଲୟ ଘଟାଉଛି ତାହା ନାଟକ ମାଧ୍ୟମରେ ଦର୍ଶାଯାଇଛି। ପୂର୍ବ କାଳରେ ବିବାହକାଳୀନ ପାରମ୍ପରିକ ଉତ୍ସବରେ ବିବାହିତା ଝିଅଙ୍କ ବାପଘରୁ ବିଦାୟ ବେଳେ ଏକ କାନ୍ଦଣା ପ୍ରଥା ପ୍ରଚଳିତ ଥିଲା, ଯାହା କି ଆମ ଓଡ଼ିଆ ଜାତିର ଏକ ସୁନ୍ଦର ପାରମ୍ପରିକ କଳା ହିସାବରେ ପରିଗଣିତ ହେଉଥିଲା। ବାପଘରୁ ବିଦାୟ ନେବା ସମୟରେ ଝିଅଟି ଉକ୍ତ କାନ୍ଦଣା ମାଧ୍ୟମରେ ମନକଥାକୁ ବ୍ୟକ୍ତ କରି ତା'ର ମନକୁ ହାଲୁକା କରିପାରୁଥିଲା, ଯାହା କି ବର୍ତ୍ତମାନ ଆଧୁନିକ ଯୁଗରେ ପ୍ରାୟ ବିଲୁପ୍ତ। ଦର୍ଶକଙ୍କ ମନୋରଞ୍ଜନ ସହିତ ନାଟକ ମାଧ୍ୟମରେ ନାଟ୍ୟକାରଙ୍କ ଆମ ଓଡ଼ିଆ ପାରମ୍ପରିକ କଳାର ଅକ୍ଷୁର୍ଣ୍ଣତା ନିମନ୍ତେ ଏକ ନୂତନ ପ୍ରୟାସ। ଏହି ନାଟକକୁ ବେଶ୍ ମନଭରି ଉପଭୋଗ କରିଥିଲେ ଦର୍ଶକ।

ଦୋଳ ବେଦୀରେ ଝୁଲିଲେ

# ସାକ୍ଷୀଗୋପୀନାଥଙ୍କ ଚଳନ୍ତି ପ୍ରତିମା ମଦନମୋହନ

**ସାକ୍ଷୀଗୋପାଳ, ୨୪।୩(ସମିସ)**



ସାକ୍ଷୀଗୋପିନାଥଙ୍କ ଚଳନ୍ତି ପ୍ରତିମା ମଦନମୋହନ ସୁସଜିତ ବିମାନରେ ରବିବାର ରାତିରେ ସୁଆରସାହିକୁ ବିଜେ କରିଥିଲେ। ଗ୍ରାମକୋଠ ପକ୍ଷରୁ ନାଗା ବିରାଟ ସଲଟନ୍‌ରେ ଠାକୁରଙ୍କୁ ଗ୍ରାମକୁ ପାଛୋଟି ନିଆଯାଇଥିଲା। କିମ୍ବଦନ୍ତି ଅନୁସାର ସାକ୍ଷୀଗୋପିନାଥ ସୁଆରସାହି ବା ସେବକସାହିର ଜ୍ୱାଇଁ ହୋଇଥିବାରୁ ବର୍ଷକୁ ଥରେ ସେ ଜୋଇଁ ଡାକାରା ହୋଇଥାନ୍ତି। ଯେହେତୁ ବଡପଣ୍ଡାଙ୍କ ଝିଅ ରାଧାକୁ ସେ ଭଲପାଇଥିଲେ। ଏହି ଉପଲକ୍ଷେ ସେବକସାହି ଗ୍ରାମରେ ଝିଅ ଜ୍ୱାଇଁ, ବନ୍ଧୁବାନ୍ଧବଙ୍କ ଭିଡ ଜମିଥିଲା। ଗ୍ରାମଦାଣ୍ଡ ସଫାସୁତରା କରାଯାଇ ରଙ୍ଗ ବେରଙ୍ଗ ଆଲେକମାଳାରେ ଗ୍ରାମ ଦାଣ୍ଡ ଚମକି ଉଠିଥିଲା। ପ୍ରତି ଘର ଆଗରେ ମହାପ୍ରଭୁ ଦୁଆରି ଭୋଗ ଲାଗି କରାଯିବା ସହ ଉକ୍ତ ସେବକସାହିର ଝିଅ, କୂଳବଧୁ, ନାତି, ନାତୁଣି, ଜ୍ୱାଇଁ ମାନେ ଠାକୁରଙ୍କୁ ଅଭିର ପକାଇ ଆଶିଷ ଲାଭ କରିଥିଲେ। ପରେ ଠାକୁର ଗୋପାଳପୁର ପାଟଣା ଓ ରଙ୍ଗଣୀସାହି ଗ୍ରାମରେ ପନ୍ତୀଭୋଗ ଖାଇ ଫେରିବା ବାଟରେ ନିଯୋଗ ଘର ନିକଟରେ ଥିବା ଜାଗା ମହାବୀରି ନିକଟରେ ଓ ମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ଭୋଗ ଖାଇଥିଲେ।

ସୋମବାର ସକାଳେ ରଙ୍ଗଣୀ ସାହିରୁ ଠାକୁର ଫେରିବା ପରେ ନୀତି ନିୟମ ଅନୁସାରେ ଠାକୁର ଦୋଳବେଦୀ ନିକଟରେ ଖୁଣ୍ଟି ଲାଗି ହୋଇଥିଲେ। ସେଠାରେ ପୂଜାପଣ୍ଡା ଠାକୁରଙ୍କ ନୀତିକାନ୍ତି କରିବା ପରେ ମନ୍ଦିର ପୁରୋହିତ, ମନ୍ଦିର ପଣ୍ଡିତ ହୋମଯଜ୍ଞ କରିଥିଲେ। ପରେ ଅହିଅର (ମେଣ୍ଢା ପୋଡି) ପର୍ବ ଅନୁଷ୍ଠିତ ହୋଇଥିଲା। ତା ପରେ ଠାକୁର ମନ୍ଦିରକୁ ଯାଇଥିଲେ। ମନ୍ଦିରରେ ଦୈନନ୍ଦିନ ନୀତିକାନ୍ତି ସରିବା ପରେ ସେବାୟତମାନେ ଚଳନ୍ତି ପ୍ରତିମା ମଦନମୋହନଙ୍କୁ ଦୋଳବୋଦୀକୁ ବିଜେ କରାଇଥିଲେ। ବିଳମ୍ବିତ ରାତିରେ ଠାକୁର ମନ୍ଦିରକୁ ବିଜେ କରିଥିଲେ। ସାକ୍ଷୀଗୋପିନାଥଙ୍କ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀଙ୍କ ତତ୍ୱବଧାନରେ ଠାକୁରଙ୍କ ନୀତିକାନ୍ତ କରାଯାଇଥିବା ବେଳେ ମନ୍ଦିର ସୁପରଭାଇଜର ବିଶ୍ୱନାଥ ମହାପାତ୍ର ପରିଚାଳନା କରିଥିଲେ। ସତ୍ୟବାଦୀ ବ୍ଲକର ବିଭିନ୍ନ ଗ୍ରାମରେ ଥିବା ଗୋପାଳ ପରିବାର ପକ୍ଷରୁ ନୀତି ନିୟମ ତଥା ପରମ୍ପରା ଅନୁଯାୟୀ ତିନିଦିନ ଧରି ଦୋଳପର୍ବ ପାଳନ କରିଥିଲେ। ଏହି ଅବସରରେ ବିଭିନ୍ନ ଗ୍ରାମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟ ପରିବେଷଣ କରାଯାଇଥିଲା।

## ଗୁହାଳରେ ଅଗ୍ନିକାଣ୍ଡ; ୩ ଗାଈ, ବାଛୁରୀ ଜୀବନ୍ତଦଗ୍ଧ

**ନିମାପଡ଼ା, ୨୪।୩(ସମିସ):** ନିମାପଡ଼ା ଥାନା ଅନ୍ତର୍ଗତ ଭିଲିଗ୍ରାମ ପଞ୍ଚାୟତ ବିଷ୍ଣୁପୁର ନୂଆପଡ଼ା ମଳିକ ସାହିର ଜଣେ ବ୍ୟକ୍ତିଙ୍କ ଗୁହାଳରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୩ଟି ଗାଈ ସମେତ ଗୋଟିଏ ବାଛୁରୀ ଜିବନ୍ତ ଦଗ୍ଧ ହୋଇଯାଇଛନ୍ତି। ଖବରରୁ ଜଣାଯାଇଛି ଯେ, ଶନିବାର ବିଳମ୍ବିତ ରାତ୍ରରେ ନୂଆପଡ଼ା ମଳିକସାହିର ପ୍ରାଶାନ୍ତ ମଲ୍ଲିକଙ୍କ ଗୁହାଳ ଘରେ ନିଆଁ ଲାଗିଯାଇଥିଲା। ଏହି ନିଆଁରେ ତାଙ୍କର ୨ଟି ଗାଈ ଓ ଗୋଟିଏ ବାଛୁରୀର ମୃତ୍ୟୁ ଘଟିଥିବା ବେଳେ ଗୋଟିଏ ଗାଈ ଗୁରୁତର ହୋଇଛି। ଗୁହାଳରେ ଥିବା ଗୋଟିଏ ବାଇକ୍ ପୋଡି ଯାଇଥିବା ଜଣାପଡ଼ିଛି। ଗୁହାଳ ନିକଟରେ ପବନାଙ୍କର ଏକ ନଡାଗଦା ଜଳିଯାଇଛି। ଗୁହାଳେ ଲଗାଯାଇଥିବା ଧୂଆଁରୁ ଏହି ନିଆଁ ଲାଗିଥିବା ଜଣାପଡ଼ିଛି। ଖବର ପାଇ ନିମାପଡ଼ାରୁ ଦମକଳ ବାହିନୀ ଘଟଣା ସ୍ଥଳରେ ପହଁଞ୍ôଚ ନିଆଁକୁ ଆୟତତ୍ତ କରିଥିଲେ।

## ବିପଦସଙ୍କୁଳ ଟ୍ରାନ୍ସଫର୍ମର ସ୍ଥାନାନ୍ତର ଦାବି




**ନୟାହାଟ, ୨୪।୩(ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ତଳୀ ପଞ୍ଚାୟତ କାର୍ଯ୍ୟାଳୟ ମଧରେ ରାଜୀବଗାନ୍ଧୀ ସେବାକେନ୍ଦ୍ର ଭିତରେ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ସେହିବାଟ ଦେଇ ରାଜୀବଗାନ୍ଧୀ ସେବା କେନ୍ଦ୍ର ଭିତରେ ବୈଠକ କରିବା ପାଇଁ ପଞ୍ଚାୟତର ମହିଳାମାନେ ଯିବାକୁ ଭୟ କରୁଛନ୍ତି। ସମୟ ସମୟରେ ଉକ୍ତ ଟ୍ରାନ୍ସଫର୍ମରୁ ନିଆଁ ବାହାରୁ ଥିବା ଦେଖିବାକୁ ମିଳିଛି। ଉକ୍ତ କାର୍ଯ୍ୟାଳୟ ପରିସର ମଧରୁ ଟ୍ରାନ୍ସଫର୍ମର ଉଠାଇବାକୁ ସରପଞ୍ଚ ରିସ୍ମା ସ୍ୱାଇଁ ଓ ସମାଜସେବୀ ମକର ଧ୍ୱଜ ସ୍ୱାଇଁ ଦାବି କରିଛନ୍ତି।

## ବାସୁଦେବଜୀଉ ବାରଗାଦି ମେଳଣ ଉତ୍ସବ

**ନୟାହାଟ, ୨୪।୩(ସମିସ):** ପୁରୀ ଜିଲ୍ଲା ଚାରିଛକ ଥାନା ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତ ସଭା ମଣ୍ଡପରେ ଶ୍ରୀ ବାସୁଦେବଜୀଉ ବାରଗାଦି ମେଳଣ କମିଟିର ସଭାପତି ରବୀନ୍ଦ୍ର ବେହେରାଙ୍କ ନେତୃତ୍ୱରେ ସଭାମଣ୍ଡପ ରତ୍ନବଟ ପରିସରରେ ବାରଗାଦି ମେଳଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମଙ୍ଗଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ ମିତ୍ର ଓ ସମ୍ମାନିତ ଅତିଥି ଭାବେ ସମାଜସେବୀ ଜୋସ୍ନାରାଣୀ ନାୟକ, ସମାଜସେବୀ ଅରୁଣ କୁମାର ସାହୁ, ଅଞ୍ଚଳର ବରିଷ୍ଠ ବ୍ୟକ୍ତି ଜାହାନ ସାହୁ, ଅଡ଼ଶପୁର ଉଦ୍ୟନାଥ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଅରୁଣ କୁମାର ସ୍ୱାଇଁ, ତୁଳସୀପୁର ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଅରକ୍ଷିତ ଭୋଇ, ଅବସରପ୍ରାପ୍ତ ଶିକ୍ଷକ ଜଗବନ୍ଧୁ ପାତ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବାର




ଗାଦି ମେଳଣ ଓ ଐତିହ ବିଷୟରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାର ନୃତ ପରିବେଷଣ କରାଯାଇଥିଲା।ପରେ ଅତିଥିମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରୁଥିବା କୃତୀପିଲାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।ଏହି ବାର ଗାଦି ବର୍ଷିକ ଉତ୍ସବରେ ଶ୍ରୀ ଭାଗବତ ବତ୍ତୁଦେବ ଜୀଉ ବାରଗାଦି ମେଳଣ କମିଟିର ସମ୍ପାଦକ ସନ୍ତୋଷ ତ୍ରିପାଠୀ, ସହିତ ହରେକୃଷ୍ଣ ଶତପଥି, ବ୍ରଜବନ୍ଧୁ କର ସୁବାସ ସାହୁ, କୈଳାସ କର ପ୍ରମୁଖ ସହଯୋଗ କରିଥିଲେ।

## ନିରାକାରପୁର ପୁଲିସର ଯାଞ୍ଚ



**ନିରାକାରପୁର, ୨୪।୩(ସମିସ):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଆଇଆଇସି ବିଶ୍ୱଜିତ୍ ରାଉତରାୟଙ୍କ ନେତୃତ୍ୱରେ ଅନ୍ୟ ପୋଲିସ କର୍ମଚାରୀମାନେ ନୂଆ ଜଗନ୍ନାଥ ସଡ଼କ ପଦ୍ମପୁର ଛକରେ ଗାଡିମଟର ଯାଞ୍ଚ କରିଥିଲେ। ହେଲମେଟରୁ ଆରମ୍ଭ କରି ଗାଡି କାଗଜପତ୍ର ଯାଞ୍ଚ କରାଯାଇଥିଲା। ଏକାଧିକ ଗାଡିରୁ ପ୍ରାୟ ୨୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି ବୋଲି ଏସଆଇ ଦିପାଲିଶା ନାୟକଙ୍କ ଠାରୁ ଜଣାପଡ଼ିଛି।

## ଚାଷୀଙ୍କ ମୁହଁରେ ହସ ଫୁଟାଇଲା ଅଦିନିଆ ବର୍ଷା

**ଅସ୍ତରଙ୍ଗ, ୨୪।୩(ସମିସ)**



ରାଜ୍ୟରେ ଗ୍ରୀଷ୍ମ ଲହରୀ ଜାରୀ ରହିଛି। ଚାଷୀମାନେ ରବି ଫସଲ କରି କିଛି ଆୟ କରି ପରିବାର ଚଳାଇବାକୁ ଆଶା ରଖିଥିବା ବେଳେ କେନାଲରେ ଜଳ ଆସୁନଥିବାରୁ ଚିନ୍ତାରେ ରହିଛନ୍ତି ଅସ୍ତରଙ୍ଗ ବ୍ଲକ ନାଇଗୁଆଁ, ବେଗୁନିଆବସ୍ତ, ଅସ୍ତରଙ୍ଗ, ଶିଶୁଅ, ଅଳସାହି, ସରିପୁର ଅଞ୍ଚଳର ବହୁ ଚାଷୀ। କିନ୍ତୁ ଗତ ୨ ଦିନ ତଳେ କାଳ ବୈଶାଖୀ ପ୍ରଭାବରେ ଅସ୍ତରଙ୍ଗ ଉପକୂଳରେ ସାମାନ୍ୟ ବୃଷ୍ଟି ହୋଇଛି। ଏହି ବୃଷ୍ଟି ଫଳରେ ଚାଷ ବିଲ ର ଆଦ୍ରତା ବୃଦ୍ଧି ପାଇଛି। ସେଥିପାଇଁ ଏହି ଅଞ୍ଚଳରେ ତରଭୁଜ, କାକୁଡି, ବାଇଗଣ, ଝୁଡ଼ଙ୍ଗ, ଭେଣ୍ଡି ଲଗାଇଥିବା ଚାଷୀଙ୍କ ମୁହଁରେ ଟିକେ ହସ ଫୁଟିଛି। କାରଣ ଅତ୍ୟଧିକ ତାତି ଯୋଗୁ ଧାନ ଚାଷ ଓ ପରିବା କ୍ଷେତକୁ ଆବଶ୍ୟକ ମୁତାବକ ଜଳ ମିଳିଛି। ଏ ବାବଦରେ ଅସ୍ତରଙ୍ଗ କୃଷି ଉଦ୍ୟାନ ଅଧିକାରୀ ଯୁଗଳ କିଶୋର ବାର୍ଲା କହିଛନ୍ତି ଏହି ଅଦିନିଆ ବର୍ଷାରେ କୌଣସି ପନିପରିବା ଚାଷ କିଛି କ୍ଷତି ହୋଇନି। ସେହିପରି ମୁଗ ଚାଷୀମାନେ ବଡ଼ ବର୍ଷାକୁ ନେଇ ଚିନ୍ତାରେ ଥିଲେ, ଯେହେତୁ ସ୍ୱଳ୍ପ ବୃଷ୍ଟି ହେଇଛି ମୁଗ ଫସଲର କୌଣସି କ୍ଷତି କରିପାରିବ ନାହିଁ ବୋଲି ଅସ୍ତରଙ୍ଗ ଅଞ୍ଚଳର ବିଭିନ୍ନ ପଞ୍ଚାୟତର କୃଷକମାନେ ମତାମତ ଦେଇଛନ୍ତି। ବର୍ତ୍ତମାନ ପୁନଃବାର ଅସହ୍ୟ ତାତି ବଢ଼ିବାରେ ଲାଗିଛି, ଆଉ ସେଥିପାଇଁ ନଦୀ ନାଳ କେନାଲ ସବୁ ସୁଖିବାରେ ଲାଗିଛି। ଚାଷୀମାନେ ନିଜ ବୋରିଂରୁ ମଟର ମାଧ୍ୟମରେ ଚାଷ କ୍ଷେତକୁ ପାଣି ଯୋଗାଣ କରୁଛନ୍ତି। ଅଦିନିଆ ବର୍ଷା ରବି ଫସଲ ବେଶ ଲାଭଦାୟକ ହେବ ବୋଲି ଅସ୍ତରଙ୍ଗ ଅଞ୍ଚଳର କୃଷକ ପୀତବାସ ବିଶ୍ୱାଳ, ବିଶ୍ୱନାଥ ମହାନ୍ତି, ହରେକୃଷ୍ଣ ଦାସ, ଅଭୟ ବିଶ୍ୱାଳ, ସମ୍ପଦ ବିଶ୍ୱାଳ ମତାମତ ଦେଇଛନ୍ତି।

## ଜଟଣୀରେ ବିଭିନ୍ନ ରଙ୍ଗ ଦୋକାନରେ ଚଢ଼ଉ



**ଜଟଣୀ, ୨୪।୩(ସମିସ):** ହୋଲି ଏକ ଭାଇଚାରାର ପର୍ବ। ଲୋକମାନେ କିପରି ସୁରକ୍ଷିତ ଭାବେ ହୋଲି ପର୍ବ ପାଳନ କରିବେ ତାକୁ ନେଇ ପୁଲିସ ପକ୍ଷରୁ ବିଭିନ୍ନ ଦୋକାନରେ ଚଢ଼ଉ କରାଯାଇଛି। ରବିବାର କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡର ଏକ ଟିମ୍, କମିଶନରେଟ୍ ପୁଲିସର ଏକ ଟିମ୍ ଓ ଜଟଣୀ ପୁଲିସ ମିଳିତ ଭାବେ ପୌରାଞ୍ଚଳରେ ଥିବା ବିଭିନ୍ନ ରଙ୍ଗ ଦୋକାନରେ ଚଢ଼ଉ କରାଯାଇଛି। ହର୍ବାଲ ରଙ୍ଗ ଛଡ଼ା ଦୋକାନୀ କେମିକାଲ ଯୁକ୍ତ ରଙ୍ଗ ବିକ୍ରି ଉପରେ ଯାଞ୍ଚ କରାଯାଇଛି। ଜଟଣୀ ପୌରାଞ୍ଚଳରେ ଥିବା ରାଜାବଜାର, ଗୋଲେଇ ମାର୍କେଟରେ ଥିବା ହୋଲସେଲ୍‌ଫ, ଖୁଚୁରା ଦୋକାନୀ ଗୁଡ଼ିକରେ ଚଢ଼ଉ କରାଯାଇ ୮ କିଲୋରୁ ଊର୍ଦ୍ଧ କେମିକାଲ ରଙ୍ଗ ଜବତ କରିଛି ପୁଲିସ। ଏଥିସହ କିଛି ଦୋକାନୀରୁ ଜରିମାନା ଆଦାୟ କରାଯାଇଥିବା ଥାନା ଅଧିକାରୀ ସୌମ୍ୟକାନ୍ତ ବଳିଆରସିଂହ ସୂଚନା ଦେଇଛନ୍ତି।

## ଝୁଲିଛି ୩୩ କେଭି ବିଦ୍ୟୁତ୍ ତାର

**କୃଷ୍ଣପ୍ରସାଦ, ୨୪।୩(ସମିସ):** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ସିଆଣ୍ଡି ପଞ୍ଚାୟତ ଅଧିନସ୍ଥ ଅଣୁଆଁ ଗ୍ରାମରେ ଉଚ୍ଚ ଶକ୍ତି ସମ୍ପର୍ଣ୍ଣ ବିଦ୍ୟୁତ୍ ତାର (୩୩ କେଭି/୧୧ କେଭି) ତଳକୁ ଝୁଲି ରହିଛି। ଯାହାକି ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ବିପଦର କାରଣ ପାଲଟିଛି। ଜନ ଗହଳି ପୂର୍ଣ୍ଣ ସ୍ଥାନରେ ବିଦ୍ୟୁତ୍ ତାର ତଳକୁ ଝୁଲି ରହିଥିବାରୁ ସ୍ଥାନୀୟବାସିନ୍ଦା ପ୍ରତି ମୁହୁର୍ତ୍ତରେ ପ୍ରମାଦ ଗଣୁଛନ୍ତି। ଏକଦା ଉକ୍ତ ବିଦ୍ୟୁତ୍ ତାର ଯୋଗୁଁ ବଡଧରଣର ଅଘଟଣ ଘଟି ଧନଜୀବନ କ୍ଷୟକ୍ଷତି ହୋଇଥିଲା। ବିଦ୍ୟୁତ୍ ତାରକୁ ଅନ୍ୟତ୍ର ଉଠାଇନେବା ଲାଗି ଦୀର୍ଘ ୩୦ ବର୍ଷ ହେଲା ଗ୍ରାମବାସୀ ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି। ମାତ୍ର ବିଦ୍ୟୁତ୍ ବିଭାଗୀୟ ଅଧିକାରୀ, ବିତରଣ କମ୍ପାନୀ କର୍ତ୍ତୃପକ୍ଷ ଉଚ୍ଚ ଶକ୍ତି ସମ୍ପର୍ଣ୍ଣ ତାରକୁ ଅଦ୍ୟାବଧି ସେଠାରୁ ହଟାଇନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟୁତ୍ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଅଣୁଆଁ ଗ୍ରାମ୍ୟ କମିଟି ସଭାପତି ଦେବରାଜ ଜେନା, ସମ୍ପାଦକ ସୀମାଞ୍ଚଳ ତରେଇ, ଯୁବନେତା ଅଶୋକ କୁମାର ବିଶ୍ୱାଳ ସମେତ ଗ୍ରାମବାସୀ ସମୂହ ଦାବି କରିଛନ୍ତି।

## ବ୍ଲକ୍ ମୁଖ୍ୟ ରାସ୍ତାପାର୍ଶ୍ୱ ସଫେଇ



**କୃଷ୍ଣପ୍ରସାଦ, ୨୪।୩(ସମିସ):** ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ପାରିକୁଦ ଗଡ଼ ଠାରେ ପାଞ୍ଚ ମୌଜା ପରିଚାଳନା କମିଟି ଆନୁକୂଲ୍ୟରେ ଦୋଳଯାତ୍ରା ମହୋତ୍ସବ ସୋମବାର ଅନୁଷ୍ଠିତ ହେବ। ଏନେଇ ଚଳଚଞ୍ଚଳ ହୋଇଉଠିଛି କୃଷ୍ଣପ୍ରସାଦ ଅଞ୍ଚଳ। ଏହି ଅବସରରେ ସାନଅଁଳ ଗ୍ରାମବାସୀଙ୍କ ତରଫରୁ ଗାନ୍ଧିଛକ ଠାରୁ ମଶାଣୀପୋଖରୀ ପର୍ଯ୍ୟନ୍ତ ବ୍ଲକ ମୁଖ୍ୟ ରାସ୍ତାର ଉଭୟ ପାଶ୍ୱ? ସଫେଇ କରାଯାଇଛି। ପ୍ରକାଶ ଥାଉକି ୩୫ ମୌଜାର ବିଭିନ୍ନ ସ୍ଥାନରୁ ୧୭ ଠାକୁର ଉକ୍ତ ସ୍ଥାନରେ ପହଁଚିବା ପରେ ସେଠାରୁ ପାରମ୍ପରିକ ପାଟ ପଟୁଆରରେ ଚନ୍ଦନ ପଡ଼ିଆରେ ବିରାଜ ମାନ କରିବେ। ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମକୁ ଆଖି ଆଗରେ ରଖି ସାନଅଁଳ ଗ୍ରାମ୍ୟ କମିଟି ସଭାପତି ବରେନ୍ଦ୍ର ବାହୁବଳେନ୍ଦ୍ର, ସମ୍ପାଦକ ଶଙ୍କର କୁମାର ସିଂହ, ପୂର୍ବତନ ସରପଞ୍ଚ କୁମାର ସିଂହ, ସାମାଜିକ କର୍ମୀ ହରମୋହନ ମାନସିଂହ, ଭରତ ସିଂହ, ସୁରଥ ଜେନା ପ୍ରମୁଖ ସାମିଲ ହୋଇ ଆବର୍ଜନା ମୁକ୍ତ କରିଥିଲେ।

## ବଳଙ୍ଗା ପଞ୍ଚୁ ଦୋଳ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ: ୩୦ରେ ଜମାଣ ଉତ୍ସବ



ବଳଙ୍ଗା, ୨୪।୩ (ସମିସ):ବଳଙ୍ଗାସ୍ଥିତ ପଶ୍ଚିମାଶମ୍ଭୁ ବକ୍ରେଶ୍ୱର ଦେବଙ୍କ ପ୍ରସିଦ୍ଧ ପଞ୍ଚୁ ଦୋଳ ଯାତ୍ରା ଆସନ୍ତା ୩୦ ତାରିଖରେ ଜମାଣ ଉତ୍ସବ, ୩୧ ତାରିଖ ଦେବସଭା ତଥା ମେଳଣ, ଏପ୍ରିଲ ୧ ତାରିଖରେ ପ୍ରସିଦ୍ଧ ହରିହର ଭେଟ ଅନୁଷ୍ଠିତ ହେବା କାର୍ଯ୍ୟକ୍ରମ ରହିଛି। ଶାନ୍ତି ଶୃଙ୍ଖଳା ବଜାୟ ରଖିବା ଶାନ୍ତି କମିଟି ତଥା ଚୁଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଲୋକିକରଣ, ପରିସ୍କାର ପରିଛନ୍ନ, ଡିଜେ ବାଦ୍ୟ ବନ୍ଦ, ହରିହର ଭେଟ ଦିବା ୧୨ ଘଟିକା ସମୟରେ ସମ୍ପର୍ଣ୍ଣ ହେବା ପ୍ରଭୃତି ପ୍ରସ୍ତାବ ଗୃହୀତ ହୋଇଥିବା ଜଣାପଡ଼ିଛି। ଥାନା ଭାରପ୍ରାପ୍ତ ଅଧିକାରୀ ଦିବ୍ୟ ରଞ୍ଜନ ପଣ୍ଡା, ମୁଖ୍ୟ ଉପଦେଷ୍ଟା ଆଇନଜୀବୀ ସୁବାଷ ଚନ୍ଦ୍ର ପତି, ସଭାପତି ପ୍ରଭାକର ଦଳାଇ, ସମ୍ପାଦକ ବଳଭଦ୍ର ଜେନା, ଉପ ସଭାପତି ପ୍ରଫୁଲ୍ଲ ପ୍ରଧାନ, ସରପଞ୍ଚ ପ୍ରତିନିଧି ସୁକାନ୍ତ ବରାଳ, ସମାଜ ସେବୀ ଶ୍ରୀକର ପ୍ରଧାନ, କୃପାସିନ୍ଧୁ ଦତ୍ତ, ବେରବୋଇ, ତରବୋଇ, ଚନ୍ଦ୍ରାଦେଇପୁର, ମୈଞ୍ଜୁବେଗ, ଗୋକନ, ସୁନନ୍ଦା, ଗ୍ରାମ୍ୟ ପ୍ରତିନିଧି, ପରିଚାଳନା ପରିଷଦ ସଭ୍ୟ, ସେବାୟତ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ବୈଠକରେ ଉପସ୍ଥିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଥାନାପତି ବକ୍ରେଶ୍ୱର ଦେବଙ୍କ ନିମନ୍ତ୍ରଣକ୍ରମେ ପିପିଲି, ନିମାପଡ଼ା, ସତ୍ୟବାଦୀ, ଜୟଦେବ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମରୁ ୧୦୮ ହରି ଓ ହରଙ୍କ ଚଳନ୍ତି ପ୍ରତିମା ଯାତ୍ରାରେ ଯୋଗଦାନ କରିଥାନ୍ତି।

## ବଳଙ୍ଗାରେ ପୁଲିସର ଫ୍ଲାଗମାର୍ଚ୍ଚ

**ବଳଙ୍ଗା, ୨୪।୩(ସମିସ):** ସାଧାରଣ ନିର୍ବାଚନ ଦୃଷ୍ଟିରେ ରଖି ବଳଙ୍ଗା ପୁଲିସ ପକ୍ଷରୁ ରବିବାର ଫ୍ଲାଗ ମାର୍ଚ୍ଚ କରାଯାଇଥିଲା। ନିର୍ବାଚନ ଅବାଧ, ମୁକ୍ତ, ନିରପେକ୍ଷ ସମ୍ପାଦନ ଲାଗି ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଇଛି। ଜନସାଧାରଣଙ୍କ ମନରେ ନିର୍ଭୟ ଓ ସୁରକ୍ଷିତ ଭାବନା ଲାଗି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରୀୟ ଅର୍ଦ୍ଧ ସାମରିକ ବାହିନୀ ଓ ବଙ୍ଗଳା ପୁଲିସ ମିଳିତ ଭାବରେ ଫ୍ଲାଗ ମାର୍ଚ୍ଚ କରିଥିଲେ। ଥାନା ଅଧିକାରୀ ଦିବ୍ୟ ରଞ୍ଜନ ପଣ୍ଡା, ଆରକ୍ଷୀ ଉପ ନିରୀକ୍ଷକ କେଦାର ଚନ୍ଦ୍ର ଦୋରା ଏବଂ ଥାନାର ଅନ୍ୟ ସହଯୋଗୀମାନଙ୍କ ସହାୟତାରେ ବଳଙ୍ଗା ବଜାର ଓ ଗ୍ରାମ, ଭଗବତୀ ପୁର, ଚନ୍ଦ୍ରା ଦେଇ ପୁର, ରୁପଦେଇପୁର, ପ୍ରଭୃତି ଗ୍ରାମରେ ଫ୍ଲାଗ ମାର୍ଚ୍ଚ କରିଥିଲେ। ଥାନା ଅଞ୍ଚଳରେ ଥିବା ୧୭ ଟି ପଞ୍ଚାୟତରେ ଏଭଳି ଫ୍ଲାଗ ମାର୍ଚ୍ଚ କରାଯିବାକୁ ଥିବା ବେଳେ ବିଭିନ୍ନ ସନ୍ଦିହୀନ ସ୍ଥାନ ଉପରେ ପୋଲିସ ପକ୍ଷରୁ ଚଢ଼ାଉ କରାଯିବା ନେଇ ସୂଚନା ମିଳିଅଛି। ପେଶାଦାର ଅପରାଧୀଙ୍କ ତଥ୍ୟ, ଜାମିନବିହୀନ ପରୱନା ଗିରଫ, ଚୋରା ଅବକାରୀ ଚଢ଼ଉ ଜୋରଦାର କରାଯାଇଛି। ନିର୍ବାଚନ ସମୟରେ ଗଣ୍ଡଗୋଳ ସୃଷ୍ଟିକାରୀ ଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ପୁଲିସ କହିଛି।

## ଗୋପୀନାଥ ଦେବ ଗ୍ରାମୀଣ କଲ୍ୟାଣ ସଂଗଠନ ପକ୍ଷରୁ ସଫେଇ

**କଣାସ, ୨୪।୩(ସମିସ):** କଣାସ ବ୍ଲକ ଅନ୍ତର୍ଗତ ଯାମଳଗୋଦା ପଞ୍ଚାୟତର ଯାମଳଗୋଦା ଗ୍ରାମରେ ପ୍ରତିଷ୍ଠିତ ଗୋପୀନାଥ ଦେବ ଗ୍ରାମୀଣ କଲ୍ୟାଣ ସଂଗଠନର ଯୁବକମାନେ ଦୋଳପୂର୍ଣ୍ଣିମା ଉପଲକ୍ଷେ ଗ୍ରାମ୍ୟ ରାସ୍ତା ଦେବାଳୟ ପୋଖରୀ ତୁଠ ସଫା କରିବା ସହିତ ପରିବେଶ ସୁରକ୍ଷା କରିବା ପାଇଁ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ସଂଗଠନର ସଭାପତି ସନ୍ତୋଷ କୁମାର ବଳିୟାରସିଂହ, ଉପ ସଭାପତି ସଞ୍ଜୟ କୁମାର ଜେନା ଉପସ୍ଥିତ ରହିବା ସହିତ ଶହେରୁ ଊର୍ଦ୍ଧ୍ୱ ଯୁବକ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



ଟ୍ୟାଙ୍କରରେ ଗୋଳିଆ ପାଣି ଯୋଗାଣ

# କୋଟକଣା ଗ୍ରାମରେ ଉତ୍ତେଜନା

**କଣାସ, ୨୪।୩(ସମିସ)**



ପୁରୀ ଜିଲ୍ଲାର କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାରୁ ବର୍ଷାସାରା ପାନୀୟ ଜଳ ସମସ୍ୟା ଲାଗି ରହୁଥିବା ବେଳେ ରୌଦ୍ରତାପ ସମୟରେ ଏପରି ଉଗ୍ରରୂପଧାରଣ କରେ ଯେ ଜିଲ୍ଲା ଓ ବ୍ଲକ ପ୍ରଶାସନର ମୁଣ୍ଡବିନ୍ଧାର କାରଣ ହୋଇପଡ଼ିଥାଏ। ସେଥିପାଇଁ ପ୍ରତ୍ୟେକ ବର୍ଷ ଅପ୍ରେଲ ଦୁଇ ତାରିଖଠାରୁ ଜୁନ ୩୦ ତାରିଖ ପର୍ଯ୍ୟନ୍ତ ବିଡିଓଙ୍କ ନିର୍ଦ୍ଦେଶକ୍ରମେ ସରପଞ୍ଚମାନେ ଟ୍ୟାଙ୍କର ଯୋଗେ ନିଜ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପାନୀୟ ଜଳ ଟ୍ୟାଙ୍କରେ ଯୋଗେ ଯୋଗାଇ ଦେଇଥାନ୍ତି। ଚଳିତ ବର୍ଷ ଗଡ଼ଶାହି ପଞ୍ଚାୟତର କୋଟକଣା ଗ୍ରାମରେ ପାନୀୟ ଜଳ ସମସ୍ୟା ଦେଖାଦେବାରୁ କୋଟକଣା ଗ୍ରାମବାସୀ କଣାସ ବିଡିଓଙ୍କୁ ଅଭି ଯୋଗ କରିବାରୁ କଣାସ ବିଡିଓ ନାରାୟଣ ସାହୁ ଜଳ ଯୋଗାଣ ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର ସାମନ୍ତରାୟଙ୍କୁ କୋଟକଣା ଗ୍ରାମକୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦେବାରୁ ସହକାରୀ ଯନ୍ତ୍ରୀ ଶ୍ରୀ ସାମନ୍ତରାୟ ଗଡ଼ଶାହି ପଞ୍ଚାୟତ ସରପଞ୍ଚ ବିଭୂତି ଭୂଷଣ ବେର୍ବତାଙ୍କୁ ପାନୀୟ ଜଳ ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦେବାରୁ ସରପଞ୍ଚ ଶ୍ରୀ ବେର୍ବତା ଆଜି ଟ୍ୟାଙ୍କର ଯୋଗେ ପାନୀୟ ଜଳ କୋଟକଣା ଗ୍ରାମକୁ ଯୋଗାଇଥିଲେ। ପାନୀୟ ଜଳଗୋଳିଆ ପାଣିଭଳି ହୋଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଥିଲା। ଏହି ସମୟରେ ଯୁବନେତା ବିଶ୍ୱରଞ୍ଜନ ପାଲଟାସିଂହ ସେହି ରାସ୍ତାଦେଇ ଯାଉଥିବା ସମୟରେ ଗ୍ରାମବାସୀମାନେ ଗାଡିକୁ ଅଟକାଇ ପାଣି ଦେଖାଇଥିଲେ। ଶ୍ରୀ ପାଲଟାସିଂହ କଣାସ ବିଡିଓ ନାରାୟଣ ସାହୁଙ୍କୁ ପାଣି ସମ୍ପର୍କରେ ଜଣାଇବା ସହ ମୋବାଇଲରେ ଫଟୋ ଉଠାଇ ବିଡିଓଙ୍କ ନିକଟକୁ ପଠାଇ ଦେଇଥିଲେ। ଏସମ୍ପର୍କରେ ସରପଞ୍ଚ ଶ୍ରୀ ବେବର୍ତ୍ତଙ୍କୁ ପଚାରିବାରୁ ସେ କୁହନ୍ତି ମୁଁ ଜଙ୍କିଆଠାରେ ବସିଥିବା ଦୟାନଦୀର ଜଳକୁ ପମ୍ପ ହାଉସୁରୁ ନେଇଛି। ଏ ସମ୍ପର୍କରେ ବିଡିଓ ଶ୍ରୀ ସାହୁଙ୍କୁ ପଚାରିବାରୁ ମୁଁ ଖବର ପାଇଛି ତଦନ୍ତ କରି ଦେଖୁଛି ବୋଲି କହିଛନ୍ତି।

## ରୂପାନ୍ତରିତ ହେଉଛି ନୀଳମାଧବ ମନ୍ଦିର

# ସେବାସୀଙ୍କ ସଞ୍ଚିତ ଅର୍ଥରେ ଚାଲିଛି ରୁପା ଛାଉଣି

■ ବ୍ୟୟ ହେଉଛି ୭୫ ଲକ୍ଷ ଟଙ୍କା

■ ଆକର୍ଷଣୀୟ ହେବ ମନ୍ଦିର, ସୁରକ୍ଷା ବ୍ୟବସ୍ଥା ଦାବି

ଖଣ୍ଡପଡ଼ା, ୨୪।୩(ସମିସ): ଓଡ଼ିଶାର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ଶ୍ରୀ ଜଗନ୍ନାଥଙ୍କ ଆଦିପୀଠ ଭାବେ ପରିଚିତ ନୟାଗଡ଼ ଜିଲ୍ଲାର କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉ ରୂପାନ୍ତିତ ହେଉଛି। ଏହା ସହିତ ସେବାସୀଙ୍କ ସଞ୍ଚିତ ଅର୍ଥରେ ମନ୍ଦିର



ପରିସରରେ ରୁପା ଛାଉଣୀ କାର୍ଯ୍ୟ ଚାଲୁଛି। ୪୦ କେଜିରୁ ଉର୍ଦ୍ଧ୍ୱ ରୁପା ବ୍ୟବହାର କରାଯାଉଥିବା ବେଳେ ସେବାସୀମାନେ ୭୫ ଲକ୍ଷ ଟଙ୍କା ବ୍ୟୟ କରୁଛନ୍ତି। ସେବାସୀଙ୍କ ଏଭଳି କାର୍ଯ୍ୟ ଅତ୍ୟନ୍ତ ପ୍ରଶଂସନୀୟ ବୋଲି ଆଲୋଚନା ହେଉଛି। ହଜାର ହଜାର ବର୍ଷ ଧରି ମହାନଦୀ କୂଳରେ ଥିବା ନୀଳାଦ୍ରି ପାହାଡ଼ରେ ପ୍ରଭୁ ନୀଳମାଧବ ପୂଜା ପାଉଛନ୍ତି। କାଳକ୍ରମେ ମନ୍ଦିରର ରୂପରେଖ ଓ ଭୌଗୋଳିକ ସ୍ଥିତି ବଦଳିଛି। ଏହି ପୀଠର ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୦୦ କୋଟି ଟଙ୍କାର ଅନୁଦାନ ମଞ୍ଜୁର କରିଛନ୍ତି। ଏହି ଅର୍ଥରେ ପ୍ରକଳ୍ପ ରୂପାନ୍ତରଣ କାର୍ଯ୍ୟ ଜାରି ରହିଛି। ଏହା ସହିତ ମନ୍ଦିର ପରିସରରେ ରୁପା ଛାଉଣି କାର୍ଯ୍ୟ ମଧ ଚାଲିଛି। ୫୦ରୁ ଉର୍ଦ୍ଧ ସ୍ଥାନୀୟ ବ୍ରାହ୍ମଣ ପରିବାର ସଦସ୍ୟ ପିଢ଼ି ପରେ ପିଢ଼ି ପ୍ରଭୁ ଶ୍ରୀ ନୀଳମାଧବଙ୍କର ପୂଜାର୍ଚ୍ଚନା କରି ଆସୁଛନ୍ତି। ମାଧବଙ୍କ ଦର୍ଶନ ନିମନ୍ତେ ବାହାରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ଦାନ ଦକ୍ଷିଣାରେ ସେମାନେ ନିଜ ନିଜର ପରିବାର ପ୍ରତିପୋଷଣ କରି ଆସୁଛନ୍ତି। ଦୀର୍ଘବର୍ଷ ଧରି ପ୍ରତ୍ୟେକ ସପ୍ତାହରେ ପୂଜକ ସମାଜ ସାମୂହିକ କାର୍ଯ୍ୟପାଇଁ କିଛି ଅର୍ଥ ସଞ୍ଚୟ କରି ଆସୁଥିଲେ। ଯେଉଁ ଅର୍ଥରେ ବର୍ତ୍ତମାନ ନୀଳମାଧବ ପୂଜକ ସମାଜ ପକ୍ଷରୁ ନୀଳମାଧବଙ୍କ ଗର୍ଭଗୃହ ଭିତର କାଠ, ଆସ୍ଥାନ ଖ୍ଲଣି, ଭୈରବୀ ଦ୍ୱାର ଏବଂ ଦୁର୍ଗା ମୋହନ ରୁପା ଛାଉଣୀ କରାଯିବ ବୋଲି ନିଷ୍ପତ୍ତି ହେବା ସହ ଗତ ଜାନୁୟାରୀ ୨୩ ତାରିଖରୁ ଏ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ୧୧ କିଲୋ ରୁପା, ଦ୍ୱିତୀୟ ପର୍ଯ୍ୟାୟରେ ୧୪ କିଲୋ ରୁପା ଏବଂ ତୃତୀୟ ପର୍ଯ୍ୟାୟରେ ୧୮ କିଲୋର ରୁପା କାର୍ଯ୍ୟ ହୋଇଥିଲା। ଯାହାର



ଆନୁମାନିକ ମୂଲ୍ୟ ପ୍ରାୟ ୭୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ତେବେ ଏହାର ପୂର୍ଣ୍ଣାଙ୍ଗ କାର୍ଯ୍ୟ ଶେଷ ହୋଇଥିବା ପୂଜକ ସମାଜର ପୂର୍ବତନ ସଭାପତି ନୀଳମାଧବ ମିଶ୍ର ସୂଚନା ଦେଇଛନ୍ତି। ଖଣ୍ଡପଡ଼ା ତହସିଲଦାର ତଥା ଦେବୋତ୍ତର ବିଭାଗ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧୋବେଇ ନାୟକ, ଦେବୋତ୍ତର ମ୍ୟାନେଜର ହରିହର ଦାଶ, ପୂଜକ ସମାଜ ସଭାପତି ସୀମାଞ୍ଚଳ ମିଶ୍ର, ଉପଦେଷ୍ଟା ନିହାର ରଞ୍ଜନ ମିଶ୍ରଙ୍କ ସମେତ ପୂଜକ ସମାଜ ପକ୍ଷରୁ ମନ୍ଦିରରେ ରୁପା ଛାଉଣୀ କାର୍ଯ୍ୟ କରାଯାଉଛି। ସମସ୍ତ କର୍ମକର୍ତ୍ତା ଓ ସେବାୟତଙ୍କ ଉପସ୍ଥିତିରେ କଟକ ଏବଂ କଲିକତାରୁ ଆସିଥିବା ରୁପା କାରିଗରଙ୍କ ଦ୍ୱାରା ରୁପା ଛାଉଣି କାର୍ଯ୍ୟ ଚାଲିଥିବା ଦେଖାଯାଉଛି। ଏହି ରୁପା ଛାଉଣୀର ସୁନ୍ଦର ତାରକସି କାରୁକାର୍ଯ୍ୟ ଏବଂ ମନଲୋଭା ଦୃଶ୍ୟକୁ ଦେଖିବା ପାଇଁ ସ୍ଥାନୀୟ ଜନସାଧାରଣ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ରୁପା ଛାଉଣି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଦେବୋତ୍ତର ବିଭାଗ ପକ୍ଷରୁ ସୁରକ୍ଷା ଦୃଷ୍ଟି କୋଣରୁ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନଥିବା ସୂଚନା ମିଳିଛି। ଏହି ରୁପା ଛାଉଣୀ ପାଇଁ କଟକ ଅଲିସା ବଜାର କାରିଗର ପ୍ରଫୁଲ୍ଲ ପୃଷ୍ଟିଙ୍କୁ ସମ୍ପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯାଇ କାର୍ଯ୍ୟ ସମ୍ପାଦନ ହେଉଥିବା ସୂଚନା ମିଳିଛି।

# ବିଜେଡିରେ ଇରାନୀ; ଶକ୍ତିହୀନ ହେଲା ନୟାଗଡ଼ ବିଜେପି

ନୟାଗଡ଼, ୨୪।୩(ସମିସ): କିଛିଦିନ ତଳେ ଭାରତୀୟ ଜନତା ପାର୍ଟିରୁ ପୂର୍ବତନ ଜିଲ୍ଲା ସଭାପତି ଲାଲା ମନୋଜ ରାୟ ଏବଂ ତାଙ୍କ ପତୀ ତଥା ନୟାଗଡ଼ ବିଧାୟକ ପ୍ରାର୍ଥିନୀ ଇରାନୀ ରାୟ ଇସ୍ତଫା ଦେଇଥିଲେ।ଇରାନୀ ବିଜୁ ଜନତା ଦଳରେ ସାମିଲ ହେବା ପରେ ନୟାଗଡ଼ ବିଜେପି ଶକ୍ତିହୀନ ହୋଇଥିବା ଆଲୋଚନା ହେଉଛି। କଂଗ୍ରେସରେ ଥିବା ସମୟରୁ ଇରାନୀଙ୍କ ସହ ଏହି ସମର୍ଥକମାନେ ରହି ଆସିଥିଲେ। ଇରାନୀ ବିଜେପିରେ ସଂଗଠନକୁ ମଜବୁତ କରି ରଖିଥିଲେ। ତାଙ୍କୁ ଅଣଦେଖା କରାଯିବା ଦ୍ୱାରା ସେ ଅତିଷ୍ଠ ହୋଇ ଦଳ ଛାଡିବା ପରେ ସମର୍ଥକମାନେ ତାଙ୍କ ସହ ଆଜି ବିଜୁ ଜନତା ଦଳରେ ସାମିଲ ହେବା ବିଜେଡି ସଶକ୍ତ କରିଥିବା ଆଲୋଚନା ହେଉଛି। ଇରାନୀଙ୍କ ସହ ବିଜେପି ଜିଲ୍ଲା କୋଷାଧ୍ୟକ୍ଷ ପ୍ରଭାତ କୁମାର ଷଡଙ୍ଗୀ, ଇଟାମାଟି ଜୋନ ବିରେନ୍ଦ୍ର ନାୟକ, ଓଡଗାଁ ମଣ୍ଡଳ ସଭାପତି ପ୍ରକାଶ ନାୟକ, କୁରାଳ ମଣ୍ଡଳ ସଭାପତି ଦୁର୍ଗାଚରଣ ମିଶ୍ର, ବାଲୁଗାଁ ମଣ୍ଡଳ ସଭାପତି ବିନୋଦ ନାୟକ, ପୂର୍ବତନ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଶିବଶଙ୍କର ମହାନ୍ତି ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି। ତାଙ୍କ ସହିତ ୫ ଶହରରୁ ଉର୍ଦ୍ଧ୍ୱ କର୍ମୀ ରବିବାର ବିଜେଡିରେ ସାମିଲ ହୋଇଥିବା ସୂଚନା ମିଳିଛି। ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ଇରାନୀଙ୍କ ବଳିଷ୍ଠ ସଂଗଠନ ଦଳରୁ ଦୂରେଇ ଯିବା ପରେ ବିଜେପି ପୁରୀ ଲୋକସଭା ସାମ୍ଭବ୍ୟ ପ୍ରାର୍ଥୀ ସମ୍ବିତ ପାତ୍ରଙ୍କ ପାଇଁ ଅଡୁଆ ବଢ଼ିଛି। ସମ୍ବିତ ଯେଉଁ ଆଶା ନେଇ ଇରାନୀଙ୍କୁ ଦଳୀୟ କାର୍ଯ୍ୟକ୍ରମରୁ ଦୂରେଇ ରଖିଥିଲେ, ସେହି ଆଶା ନିରାଶାରେ ପରିଣତ ହେବ ବୋଲି ଆଲୋଚନା ହେଉଛି। ସମ୍ବିତ ନୟାଗଡ଼ରେ ଯେଉଁ ଗୋଷ୍ଠୀକୁ ନେଇ ବିଜେପିର ରଣନୀତ କରୁଛନ୍ତି, ସେମାନେ ପୂର୍ବରୁ ବିଜେଡିରୁ ତଡାଖିଆ ଗୋଷ୍ଠୀ ବୋଲି ସାଧାରଣରେ ଆଲୋଚନା ହେଉଛି। ଯେଉଁମାନେ ନିଜର ବିଶ୍ୱାସ ସାଧାରଣ ଲୋକଙ୍କ ପାଖରେ ବଜାୟ ରଖି ପାରୁ ନାହାନ୍ତି, ସେମାନେ କିଭଳି ଦଳ ସଂଗଠନକୁ ମଜବୁତ କରିବେ ବୋଲି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ବିଜେପି ପଞ୍ଚାୟତ ଓ ପୌର ନିର୍ବାଚନ ଇରାନୀଙ୍କ ନେତୃତ୍ୱରେ ଲଢ଼ିଥିଲା। ଗତ ୨୦୧୯ ମସିହା ଇରାନୀ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ବିରୁଦ୍ଧରେ ପ୍ରାର୍ଥୀ ହୋଇ ୬୬ ହଜାର ଭୋଟ ପାଇଥିଲେ। ଏବେ ନୟାଗଡ଼ ବିଜେପିର ବଡ ଗୋଷ୍ଠୀ ବିଜେଡିରେ ମିଶ୍ରଣ ପରେ ନୟାଗଡ଼ ବିଜେଡିକୁ ଏକ ବଡ ଫାଇଦା ମିଳିବ ବୋଲି ଆକଳନ କରାଯାଉଛି। ଏହା ସହିତ ପୁରୀ ସାଂସଦ ବିଜେପି ପ୍ରାର୍ଥୀଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହେବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି।

## କାର୍ ସହ ଗଞ୍ଜେଇ ଜବତ; ୨ ଗିରଫ

ଭାପୁର, ୨୪।୩(ସମିସ): ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ପୁଲିସ ପାଟ୍ରୋଲିଂ କରିବା ସମୟରେ ଗଞ୍ଜେଇ ନେଇଯାଉଥିବା ଏକ କାର୍‌କୁ ଅଟକାଇ ୪ କିଲୋ ୬୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଦୁଇ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଫତେଗଡ଼ ପୁଲିସ ପାଟ୍ରୋଲିଂ କରିବା ସମୟରେ ଫତେଗଡ଼ ଗ୍ରାମର ତିନି ଜଣ ଯୁବକ ଏକ କାର୍‌ରେ ସନ୍ଦେହଜନକ ଭାବେ ଯାଉଥିଲେ। ସେମାନଙ୍କୁ ଅଟକାଇ ପଚରାଉଚୁରା ସମୟରେ ସେମାନଙ୍କ ଠାରୁ ୪ କିଲୋ ୬୦୦ ଗ୍ରାମର ଗଞ୍ଜେଇ ଜବତ ହୋଇଥିଲା। ଏହି ଗାଡ଼ିରେ ଯାଉଥିବା ଫତେଗଡ଼ ଗ୍ରାମର ବିଜୟ କୁମାର କରଙ୍କ ପୁଅ ରାକେଶ କୁମାର କର (୨୦) ଓ ଶତ୍ରୁଘନ ରାଉତଙ୍କ ପୁଅ ଟୁଲୁ ରାଉତ(୨୫)ଙ୍କୁ ପୁଲିସ ଗିରଫ କରିଥିଲା। ତେବେ ଫତେଗଡ଼ ଗାଁର ଗୋପୀ ନାୟକଙ୍କ ପୁଅ ନିମାଇଁ ନାୟକ ଫେରାର ହୋଇଯାଇଥିଲା। ଗିରଫ ଦୁଇ ଜଣଙ୍କୁ ପୁଲିସ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।





## ବିପୁଳ ପରିମାଣର ପୋଚ ଓ ମଦ ଜବତ

ବେଗୁନିଆ, ୨୪।୩(ସମିସ): ଖୋର୍ଦ୍ଧା ସଦର ଅବକାରୀ ବିଭାଗ ଓ ବେଗୁନିଆ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ଉ କରି ବିପୁଳ ପରିମାଣର ପୋଚ ଓ ମଦ ଜବତ କରି ନଷ୍ଟ କରିଛି। ଖୋର୍ଦ୍ଧା ସଦର ଅବକାରୀ ରେଞ୍ଜ ନିରୀକ୍ଷକ ସନ୍ତୋଷ କୁମାର ସାହୁ ଓ ବେଗୁନିଆ ଅବକାରୀ ଥାନା ଉପନିରୀକ୍ଷକ ଏନ ଜାଗିନ ରାଓଙ୍କ ନେତୃତ୍ୱରେ ପୁଲିସ କର୍ମଚାରୀଙ୍କ ସହ ସଦର ପୁଲିସ ରେଞ୍ଜର ବରପଦା କାଜୁ ଜଙ୍ଗଲରେ ଚଢ଼ଉ କରି ଥିଲେ। ଏଥିରେ ୪୨ ଶହ କେଜି ପୋଚ ଓ ୩ଶହ ଲିଟର ଦେଶୀ ମଦ ଜବତ ସହ ନଷ୍ଟ କରିଥିବା ବେଳେ ଅଭିଯୁକ୍ତମାନେ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲେ।

## ଚିଲିକା ବୁଲିବାକୁ ଯିବାବେଳେ ଅଘଟଣ

# ଦୁର୍ଘଟଣାରେ ଜଣେ ମୃତ; ୩ ଆହତ



ନୟାଗଡ଼, ୨୪।୩(ସମିସ): ନୟାଗଡ଼ ଜିଲ୍ଲା ଚାନ୍ଦପୁର ଥାନା ଗୌରଚନ୍ଦ୍ରପୁର ଛକ ନିକଟରେ ୧୬ ନମ୍ବର ଜାତୀୟ ରାଜପଥରେ ଟ୍ରଲରକୁ ଏକ କାର୍ ପଛରୁ ଧକ୍କା ଦେବା ଫଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଆଉ ୩ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୨ ଜଣ ଯୁବତୀ ଅଛନ୍ତି। ମୃତ ଯୁବକଙ୍କ ନାଁ ଅମରଜ୍ୟୋତି ରାଉତ। ତାଙ୍କ ଘର ଭଦ୍ରକ ଜିଲ୍ଲା ଧାମନଗର ଅଞ୍ଚଳରେ ବୋଲି ଜଣାପଡ଼ିଛି। ଗୁରୁତର ଆହତ ହୋଇଥିବା ଅନ୍ୟ ଜଣେ ଯୁବକଙ୍କ ନାଁ ଦିପ୍ତୀ ସାମନ୍ତରାୟ। ତାଙ୍କ ଘର କେନ୍ଦ୍ରାପଡ଼ାରେ। ସେହିପରି ଆହତ ଯୁବତୀ ଦ୍ୱୟ ହେଉଛନ୍ତି କଳାହାଣ୍ଡିର ରଞ୍ଜିତା ନାୟକ ଓ କୋମଳ ଶର୍ମା। ଏମାନେ ସମସ୍ତେ ଭୁବନେଶ୍ୱରରେ ରୁହନ୍ତି। ଆଜି କାର୍ ଯୋଗେ ଚିଲିକା ଅଭିମୁଖେ ଯାଉଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଦୁର୍ଘଟଣା ଘଟିବା ପରେ ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାର କରି ଅଗ୍ନିଶମ ବାହିନୀ କର୍ମଚାରୀଙ୍କ ସହଯୋଗରେ ନିକଟସ୍ଥ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଅମରଜ୍ୟୋତିଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ତିନି ଆହତଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଚାନ୍ଦପୁର ଥାନା ପୁଲିସ ପକ୍ଷରୁ ଘଟଣାର ତଦନ୍ତ କରାଯାଉଛି।

## କବି ସମ୍ମିଳନୀ ଓ ସାହିତ୍ୟ ଆଲୋଚନା ସଭା

# 'ସମାଜର ବେଦନା ସାହିତ୍ୟ ମାଧମରେ ପରିପ୍ରକାଶ ହୋଇଥାଏ'

ଭାପୁର, ୨୪।୩(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ କରବର ପଞ୍ଚାୟତରେ ଏକ କବି ସମ୍ମିଳନୀ ଓ ସାହିତ୍ୟ ଆଲୋଚନା ସଭା ଆୟୋଜିତ ହୋଇଯାଇଛି। ଏଥିରେ ନୟାଗଡ଼, ଖୋର୍ଦ୍ଧା ଓ କଟକ ଜିଲ୍ଲାର ବହୁ ସାରସ୍ୱତ ସାଧକମାନେ ଯୋଗଦେଇ କହିଥିଲେ ଯେ ସାହିତ୍ୟ ହେଉଛି ସମୟର ସ୍ୱର ଓ ସମାଜର ବେଦନା। ସାହିତ୍ୟ ମାଧ୍ୟମରେ ପରିପ୍ରକାଶ ହୋଇଥାଏ। ଭାପୁର ବ୍ଲକ କରବର ପଞ୍ଚାୟତ ପ୍ରଗତି ପରିଷଦ ଆନୁକୂଲ୍ୟରେ ସାମନ୍ତ ଚନ୍ଦ୍ରଶେଖର କପିଳମାର୍ଥା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଯୁବ କବି ତଥା ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ସାରସ୍ୱତ ଉତ୍ସବରେ ନୟାଗଡ଼ ଜିଲ୍ଲା ଭାପୁର, ଖଣ୍ଡପଡ଼ା, ନୟାଗଡ଼, ଦଶପଲ୍ଲା, ଓଡ଼ଗାଁ, ରଣପୁର ବ୍ଲକ ସହ କଟକ ଜିଲ୍ଲା ବାଙ୍କୀ, ବଡ଼ମ୍ବା, ନରସିଂହପୁର, ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼, ବେଗୁନିଆ ବ୍ଲକର ୫୦ରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ ଯୋଗଦେଇ ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। ଏହାପରେ କରବର ପ୍ରଗତି ପରିଷଦ ସଭାପତି ପ୍ରକାଶ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସାହିତ୍ୟ ଆଲୋଚନା ସଭାରେ ସଭାପତିତ୍ୱ କରିଥିଲେ ବରିଷ୍ଠ ଶିକ୍ଷାବିତ୍ ତଥା ବିପ୍ଳବୀ କବି ପ୍ରଫୁଲ୍ଲ କୁମାର ମହାନ୍ତି। ଆଲୋଚନାଚକ୍ରରେ ସାହିତ୍ୟ ସମାଜ ସଂସ୍କାର ମାଧ୍ୟମ ନେଇ ଆଲୋଚନା ହୋଇଥିଲା। ଏହି ସମୀକ୍ଷା ବୈଠକରେ ନୟାଗଡ଼ ଲେଖକ ପରିଷଦର ସମ୍ପାଦକ ଅବଦୁଲ ଖାଲିକ ଯୋଗଦେଇ ଆମ ସମାଜ ଓ ସାହିତ୍ୟ ସର୍ବଧର୍ମ ସମନ୍ୱୟର ବାର୍ତ୍ତା ପ୍ରଦାନ କରିଥାଏ। ଓଡ଼ିଶା ସଂସ୍କୃତି ଓ ପରମ୍ପରା ସାରା ପୃଥିବୀରେ ଅନନ୍ୟ ବୋଲି କହିଥିଲେ। ସେହିପରି ବିପ୍ଳବୀ କବି ତଥା ନାଟ୍ୟ ନିର୍ଦ୍ଦେଶକ ତଥା ସାହିତ୍ୟିକ ବିଶ୍ୱନାଥ ମହାପାତ୍ର କବିମାନେ ସେମାନଙ୍କ କଲମ ମୂନରେ ସମାଜ ସଂସ୍କାର ପାଇଁ ବିପ୍ଳବର ବାର୍ତ୍ତା ଦେବା ସହ ମାନବିକତା ଓ ସମାଜବାଦ ଉପରେ ଲେଖନୀ ଚାଳନ ପାଇଁ ପରାମର୍ଶ ପ୍ରଦାନ କରିଥିଲେ। ମୁଖ୍ୟ ସମୀକ୍ଷକ ଡ. ପବିତ୍ର କୁମାର ସୁବୁଦ୍ଧି ସମାଜ ସଂସ୍କାର ପାଇଁ ବିପ୍ଳବ ଯେତିକି ଲୋଡ଼ା ପ୍ରେମ ମଧ ସେତିକି ଲୋଡ଼ା ବୋଲି କହିଥିଲେ। ପ୍ରେମ ପ୍ରଦର୍ଶନ ନୁହେଁ ଏହା ଏକ ଦର୍ଶନ ବୋଲି ସେ କହିଥିଲେ। ପଣତ କାନୀରେ ବାନ୍ଧି ରଖିବାକୁ ପ୍ରେମ କୁହାଯାଏନା; ପ୍ରେମ ହେଉଛି ନୈସର୍ଗିକ ଯାହା ରାଧାକୃଷ୍ଣଙ୍କ ପ୍ରେମକାହାଣୀ ଶିକ୍ଷା ଦେଇଥାଏ ବୋଲି କହିଥିଲେ।



## ଓସ୍ତିଆମାଳରେ ସ୍ୱାସ୍ଥ୍ୟ ଶିବିର

ନୟାଗଡ଼/ଓଡ଼ଗାଁ, ୨୪।୩(ସମିସ): ନୟାଗଡ଼ ରୋଟାରୀ କ୍ଲବ ତରଫରୁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଓସ୍ତିଆ ମାଳ ଆଶ୍ରମ ବିଦ୍ୟାଳୟ ପରିସରରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ଲବ୍ ସଭାପତି ଅବଦୁଲ ଆରିଫ୍ ଖାଁ ଓ ସମ୍ପାଦକ ସମାଜସେବୀ ଶ୍ରୀଧର ସାହୁଙ୍କ ସଂଯୋଜନାରେ ଆଶ୍ରମ ବିଦ୍ୟାଳୟର ୧୫୦ ଜଣ ଛାତ୍ରଛାତ୍ରୀଙ୍କ ସମେତ ଓସ୍ତିଆ ମାଳ, ନିହଲ ପ୍ରସାଦ, ନାଣ୍ଡିଗିରି ଓ ଭୋବସର ଗ୍ରାମର ବହୁ ଲୋକ ଚିକିତ୍ସା ସୁବିଧା ପାଇଥିଲେ। କୋମଣ୍ଡ ଜନ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ନରେଶ ଚନ୍ଦ୍ର ନାୟକ ଓ ବଡ଼ପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର କ୍ରିଷ୍ଣା ନାୟକ ରୋଗୀମାନଙ୍କୁ ସ୍ୱାସ୍ଥ୍ୟ ପରାମର୍ଶ ଦେଇଥିଲେ। ନୟାଗଡ଼ ନିରୋଗ ପାଥୋଲୋଜିର ଟିମ୍ ରକ୍ତ ପରୀକ୍ଷା, ମଧୁମେହ ରୋଗ ପରୀକ୍ଷା, ରକ୍ତଚାପ ପରୀକ୍ଷା ଆଦି ବିଭିନ୍ନ ପ୍ରକାର ପରୀକ୍ଷା କରିଥିଲା ବେଳେ ଶରଣକୂଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ କର୍ମୀମାନେ ଔଷଧ ବିତରଣ କାର୍ଯ୍ୟରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ପୌରପରିଷଦ ପୌରାଧକ୍ଷା ନିରୁପମା ଖଟେଇ ଯୋଗ ଦେଇଥିବା ବେଳେ ନୟାଗଡ଼ ଦର୍ପଣର ପ୍ରତିଷ୍ଠାତା ହରିଶ୍ ପ୍ରଧାନ, ସମାଜସେବୀ ଶ୍ରୀକାନ୍ତ ଖଟେଇ, ସୌଦାମିନୀ ସ୍ୱାଇଁ, ରୋଟାରିଆନ୍ ସନ୍ତୋଷ କୁମାର ନାୟକ, ଅବିନାଶ ସାହୁ, ଦିଲ୍ଲୀପ କୁମାର ମିଶ୍ର, ମିହିର ରଞ୍ଜନ ନାୟକ, ଜି ରଶ୍ମିରାଜ, ପ୍ରବୀର କୁମାର ପୃଷ୍ଟି, ମନୋରଞ୍ଜନ ପ୍ରଧାନ ଓ ବସିରନ ବିବି ସହଯୋଗ କରିଥିଲେ।

# ଦଶପଲ୍ଲା ରାଜ୍ୟ ମଧୁବୈଶ୍ୟ ସମାଜ ବାର୍ଷିକୋତ୍ସବ

ଦଶପଲ୍ଲା, ୨୪।୩(ସମିସ): ଆଜି ଦଶପଲ୍ଲା ବ୍ଲକ ଅନ୍ତର୍ଗତ ମଧଖଣ୍ଡ ପଞ୍ଚାୟତ କଲ୍ୟାଣ ମଣ୍ଡପ ପରିସରରେ ମଧୁବୈଶ୍ୟ ସମାଜର ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନରେ ଦଶପଲ୍ଲା ଅଞ୍ଚଳର ବିଭିନ୍ନ ସ୍ୱଜାତୀୟ ଗୁଆଭାଇ, ସାହି ବେହେରା, ଭଲଭାଇ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ। ସ୍ଥାୟୀ ସଭାପତି ପ୍ରହଲ୍ଲାଦ ସାହୁଙ୍କ ସଭାପତିତ୍ୱରେ ସ୍ୱଜାତୀୟ ସାଂଗଠନିକ ପତାକା ଉତ୍ତୋଳନ ପରେ ଆରାଧ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା ହୋଇଥିଲା। ପ୍ରାରମ୍ଭରେ ସ୍ଥାନୀୟ ବିଧାୟକ ରମେଶ ବେହେରା ଓ ସ୍ଥାନୀୟ ସରପଞ୍ଚ ସସ୍ମିତା ପ୍ରଧାନ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ସାଂଗଠନିକ ସଭାରେ ଦଶପଲ୍ଲା ସହ ଖଣ୍ଡପଡ଼ା, ନୟାଗଡ଼, ରଣପୁର ଓ ନରସିଂହପୁର ଅଞ୍ଚଳରେ ମଧୁବୈଶ୍ୟ ସମାଜର କର୍ମକର୍ତ୍ତା ଯୋଗ ଦେଇଥିଲେ। ସର୍ବଶ୍ରୀ ପ୍ରଣବ ବିଶୋଇ, ଅର୍ଜୁନ ସାହୁ, ଗଙ୍ଗାଧର ସାହୁ, ବୀରକିଶୋର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ସୁରେଶ ସାହୁ, ଶ୍ରୀନିବାସ ସାହୁ, ରଘୁନାଥ ସାହୁ, କୃଷ୍ଣଚନ୍ଦ୍ର ସାହୁ, ନିରଞ୍ଜନ ସାହୁ ପ୍ରମୁଖ ଏହି ସାଧାରଣ ଅଧିବେଶନର ସଂଯୋଜନା କରିଥିଲେ।



# ନୟାଗଡ଼ ସାମ୍ବାଦିକ ଭବନ; ଅନୀଲ କାର୍ଯ୍ୟକାରୀ ସମ୍ପାଦକ

ନୟାଗଡ଼, ୨୪।୩(ସମିସ): ନୟାଗଡ଼ ଜିଲ୍ଲା ସାମ୍ବାଦିକ ଭବନ ପକ୍ଷରୁ ରବିବାର ସନ୍ଧ୍ୟାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଭବନ ସଭାପତି ବୈଦ୍ୟଭୂଷଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପଦେଷ୍ଟା ଶ୍ରୀକାନ୍ତ ଖଟେଇ, ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ, ନବ କିଶୋର ମିଶ୍ର, ରବି ଦାଶ, ରଜତ ପଟ୍ଟନାୟକ, ପ୍ରଶାନ୍ତ କୁମାର ଜେନା, ବିଶ୍ୱଜିତ୍ ନାୟକ, ବିଭୂତି ଭୂଷଣ ସ୍ୱାଇଁ, ମହେଶ ମିଶ୍ର, ଯଯାତି କେଶରୀଙ୍କ ସମେତ ୪୦ରୁ ଉର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବୈଠକରେ ହୋଲି ପାଳନ ସହ ଭବନର ବିଭିନ୍ନ ସମସ୍ୟା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହା ସହିତ ଭବନ ପରିଚାଳନା ପରିଷଦ ସଦସ୍ୟ ତଥା ସାମ୍ବାଦିକ ଅନୀଲ କୁମାର ପଣ୍ଡାଙ୍କୁ କାର୍ଯ୍ୟକାରୀ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଉପସ୍ଥିତ ସଦସ୍ୟମାନେ ଏହାକୁ ସ୍ୱାଗତ କରିଥିଲେ।



## ନୂଆ ରୂପ ନେବ 'ବରକନ୍ୟା'

# ଚାଲିଛି ରାସ୍ତା, କଟେଜ୍ ଓ ପିଣ୍ଡି ନିର୍ମାଣ

ଓଡ଼ଗାଁ, ୨୪।୩(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ବୁଢ଼ାବୁଢ଼ିଆଣୀ ଡ୍ୟାମଠାରୁ ପ୍ରାୟ ୫ କିମି ଦୂର ବାଣପୁର ପଞ୍ଚାୟତ ନିହଲପ୍ରସାଦ ଗ୍ରାମ ନିକଟସ୍ଥ କାନଖାଇ ପାହାଡ଼ ପାଦଦେଶରେ ରହିଥିବା ବରକନ୍ୟା ଝରଣା ଲୋକଲୋଚନକୁ ଆସିବା ପରେ ସେଠାକୁ ପର୍ଯ୍ୟଟକଙ୍କ ସୁଅ ଛୁଟିଛି। ଏନେଇ 'ସକାଳ'ରେ ପ୍ରଥମେ ଖବର ପ୍ରକାଶ ପାଇଥିଲା। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଜିଲ୍ଲାପାଳଙ୍କ ସହିତ ପ୍ରଶାସନିକ ଅଧିକାରୀମାନେ ପ୍ରାକୃତିକ ପରିବେଶ ଭରା ଉକ୍ତ ସ୍ଥାନ ପରିଭ୍ରମଣ ଓ ଅନୁଧ୍ୟାନ କରିବା ପରେ ଏହାର ସୌନ୍ଦର୍ଯ୍ୟକରଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ନୟାଗଡ଼ ଜିଲ୍ଲାର ପର୍ଯ୍ୟଟନ ଶିଳ୍ପ ବିକାଶକୁ ଗୁରୁତ୍ୱ ଦେଇ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିପାଇଁ ୪ କୋଟି ୪୨ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। କେନାଲ ଛକଠାରୁ ନିହଲ ପ୍ରସାଦ ଏବଂ କାନଖାଇ ପାହାଡ଼ ପାଦଦେଶକୁ ପକ୍କା ସଡ଼କ କାର୍ଯ୍ୟ ନିର୍ମାଣ ହେଉଥିବା ବେଳେ ପାହାଡ଼ ଉପରେ ପ୍ରାକୃତିକ ଝରଣାର ସୌନ୍ଦର୍ଯ୍ୟକୁ ପର୍ଯ୍ୟଟକମାନେ ସହଜରେ ଉପଭୋଗ କରିବା ପାଇଁ ପଥର ପାହାଚ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।






ଏଥିସହିତ ପର୍ଯ୍ୟଟକମାନଙ୍କ ସୁବିଧା ନିମନ୍ତେ କଟେଜ ଓ ପିଣ୍ଡି କାର୍ଯ୍ୟ ମଧ ନିର୍ମାଣ ଚାଲିଛି। ନୟାଗଡ଼ଠାରୁ ୩୬ କିଲୋମିଟର ଦୂରରେ ଅବସ୍ଥିତ ଏହି ଝରଣା ରହିଥିବା ବେଳେ ଏହାର ବିକାଶ ପାଇଁ ଚାଲିଥିବା କାର୍ଯ୍ୟ ଏବେ ବେଶ ଆକର୍ଷଣୀୟ କରୁଛି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏଭଳି ଏକ ପର୍ଯ୍ୟଟନସ୍ଥଳୀର ବିକାଶ ଘଟିଲେ ସାମାଜିକ ଓ ଆର୍ଥିକ ବିକାଶ ଘଟିବ ବୋଲି ଆଲୋଚନା ହେଉଛି। ଅନତି ଦୂରରେ ଲାଣ୍ଡିଗିରୀ, ଓସ୍ତିଆ, ପୋଡ଼ାସାହି ଓ ନୂଆସାହି ଇତ୍ୟାଦି ଗ୍ରାମ ରହିଛି। ଏହି ବିକାଶ ପାଇଁ ସ୍ଥାନୀୟ ଲୋକେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କୁ କୃତଜ୍ଞତା ଜଣାଇଛନ୍ତି।

● ସରକାରୀ ଉପ୍ରା ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ

# ସୁନାପୁଅ ବୀରକିଶୋର ଓ ସୁନା ଝିଅ ପୂଜା ସମ୍ମାନିତ

ଖୋର୍ଦ୍ଧା, ୨୪।୩(ସମିସ): ଖୋର୍ଦ୍ଧା ବ୍ଲକ ଅଧିନ ନାଳିପଡ଼ା ଅର୍ଜୁନପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଦ୍ୱିତୀୟ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅଭିରାମ ବେହେରାଙ୍କ ବାର୍ଷିକ ବିବରଣୀ ପଠନ ଓ ସଭାପତିତ୍ୱ ରେ ମୁଖ୍ୟଅତିଥି ରୂପେ ଅର୍ଜୁନପୁର ଆଇଆରବିର ସହକାରୀ ଦୁର୍ଗପତି ମନୋଜ ପାତ୍ରୀ ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧାପିକା ତଥା ସୁବକ୍ତା ଡ଼ଃ ପ୍ରତିଭା ମହାରଥୀ ଯୋଗ ଦେଇ କହିଲେ ପିଲାମାନେ ହେଉଛନ୍ତି କଞ୍ଚା ମାଟି ସଦୃଶ୍ୟ। ଶିକ୍ଷକ ଶିକ୍ଷୟିତ୍ରୀ ଏହି କଞ୍ଚା ମାଟି ସଦୃଶ୍ୟ ପିଲାଙ୍କୁ ଯେମିତି ଗଢିବେ ସେମାନେ ଭବିଷ୍ୟତରେ ସେଇଭଳି ବିଭିନ୍ନ ସ୍ତରରେ ଆଦୃତି ଲାଭ କରିବେ। ଅନ୍ୟମାନଙ୍କ ମଧ୍ୟରେ ଶିଶୁ ଦରବାର ପିପିଲିର ସମ୍ପାଦକ ଡ.ଶରତ କୁମାର ଚଉଁରୀ, ସମାଜସେବୀ ପୂର୍ଣ୍ଣଚନ୍ଦ୍ର କର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ହରପ୍ରିୟା ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦେବେନ୍ଦ୍ର ବରାଳ, ପୁରାତନ ଛାତ୍ର କମିଟି ସଭାପତି ହେମନ୍ତ କୁମାର ବେହେରା, ସମାଜସେବୀ ପଦ୍ମଚରଣ ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। ପରେ ଅତିଥିଙ୍କ ଦ୍ୱାରା ଚଳିତବର୍ଷ ବିଦ୍ୟାଳୟ ର ଛାତ୍ର ବୀରକିଶୋର ପାଇକରାୟଙ୍କୁ ସୁନାପୁଅ ଓ ଛାତ୍ରୀ ପୂଜା ନାୟକ କୁ ସୁନା ଝିଅ ସହିତ ବିଦ୍ୟାଳୟର ଗୌରବ ରୂପେ ଛାତ୍ରୀ ସ୍ୱପ୍ନାରାଣୀ ଜେନାଙ୍କୁ ସମ୍ମାନିତ କରାଯିବା ସହିତ ବିଭିନ୍ନସ୍ତରରେ କୃତିତ୍ୱ ଅର୍ଜନ କରିଥିବା ଅନ୍ୟ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସହକାରୀ ଶିକ୍ଷକ ପ୍ରକାଶ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ହରପ୍ରିୟା ଦାସଙ୍କ ପୁତ୍ର ସ୍ୱର୍ଗତ ଦିବ୍ୟରଞ୍ଜନ ଦାସଙ୍କ ଅକାଳ ବିୟୋଗ ହୋଇଥିବାରୁ ଦିବ୍ୟରଞ୍ଜନଙ୍କ ସ୍ମୃତିରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ସମସ୍ତ ପୁରସ୍କାର ସହଯୋଗ କରାଯାଇଥିଲା। ଯାହାକୁ ଅଭିଭାବକ ଓ କମିଟି ପ୍ରଶଂସା କରିଥିଲେ।




# ରଙ୍ଗରେ ରଙ୍ଗୀଲା ହେବେ ଜିଲ୍ଲାବାସୀ



ଆସୁଛି ରଙ୍ଗର ପର୍ବ ହୋଲି

ଖୋର୍ଦ୍ଧା, ୨୪।୩(ସମିସ)

ବର୍ଷକୁ ଗୋଟିଏ ଥର ପଡୁଛି ହୋଲି। ସାତରଙ୍ଗର ରଙ୍ଗରେ ମତୁଆଲା ହେବା ନେଇ ପ୍ରସ୍ତୁତି ଜୋର ଚାଲିଥିବା ବେଳେ ଭଲ ବ୍ୟବସାୟ ହେବା ଆଶାରେ ଜିଲ୍ଲାର ବିଭିନ୍ନ ଗାଁ ଠାରୁ ସହରର ପ୍ରତି ଗଳିକନ୍ଦିରେ ଖୋଲିଛି ରଙ୍ଗ ଦୋକାନୀଙ୍କ ପସରା। ବିଭିନ୍ନ ରଙ୍ଗ ବେରଙ୍ଗ ରଙ୍ଗ ବିକ୍ରୀ ହେଉଥିବା ବେଳେ ଚଳିତ ବର୍ଷ ହରବାଲ ରଙ୍ଗର ବେଶ୍ ଚାହିଦା ରହିଛି।

ଜଟଣୀ ସହରର ପ୍ରତିଷ୍ଠିତ ରଙ୍ଗ ବ୍ୟବସାୟୀଙ୍କ କହିବା ଅନୁସାରେ ବଜାରେ ହରବାଲ ରଙ୍ଗ କିଲୋ ପିଛା ୨୦ଟଙ୍କା ଠାରୁ ଦୁଇ ଶହ ଟଙ୍କାରେ ବିକ୍ରୀ ହେଉଛି। ସେହିପରି ରଙ୍ଗ ବେରଙ୍ଗ ପିଚ୍‌କାଳୀ ପଶୁ ପକ୍ଷୀ ମୁଖା ଓ ବିଭିନ୍ନ ମୁଖା ଏବଂ ବିଭିନ୍ନ ପ୍ରକାର କେଶର ମଧ ବେଶ ଚାହିଦା ରହିଛି। ରଙ୍ଗ ବ୍ୟବସାୟୀଙ୍କ ପେଣ୍ଠସ୍ଥଳୀ କୁହାଯାଇଥିବା ଜଟଣୀ ସହରରେ ପ୍ରାୟ ୬/୭ ଗୋଟି ରଙ୍ଗ ଗୋଦାମ ଥିବାବେଳେ ଏଠାରୁ ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ ଜିଲ୍ଲାର ବାଙ୍କୀ ପ୍ରଭୃତି ଅଞ୍ଚଳର ଖୁଚୁରା ବ୍ୟବସାୟୀ ଗତ ଏକ ସପ୍ତାହ ତଳୁ ଗ୍ରାହାକଙ୍କ ଚାହିଦା ମୁତାବକ ରଙ୍ଗ ନେଇ ନିଜ ପାଖରେ ର ଖି ଥି ବ। ପ୍ରକାଶ କରିଛନ୍ତି। ଏ ସବୁ ରଙ୍ଗ ସାଧାରଣତଃ ପଶ୍ଚିମବଙ୍ଗ, ଦିଲ୍ଲୀ, ଅହମଦାବାଦ୍, ରାୟପୁର ପ୍ରଭୃତି ଅଞ୍ଚଳରୁ ଆସୁଥିବା ବେଳେ ହାତରେ ଆଉ ଗୋଟିଏଦିନ ଥିବାରୁ ବ୍ୟବସାୟ ଭଲ ହେବା ଆଶା ରଖିଛନ୍ତି। ରଙ୍ଗ ଖେଳିବା ପୂର୍ବରୁ ନିଜ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବାକୁ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଅନୁରୋଧ କରିଛନ୍ତି। ଅଭିଭାବକମାନେ ନିଜର ଶିଶୁମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନନେଲ କୋମଳ ମତୀ ଶିଶୁଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡ଼ିବା ଆଶଙ୍କା ଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ହୋଲି ସମୟରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ଏସପି ବି. ଯୁଗୋଳ କିଶୋର ଜିଲ୍ଲାବାସୀଙ୍କୁ ଅନୁରୋଧ କରିଥିବାବେଳେ ସୁରକ୍ଷା ପାଇଁ ଜିଲ୍ଲା ବ୍ୟାପି ୫ପ୍ଲାଟୁନ ପୁଲିସ ଫୋର୍ସ ମୂତୟନ କରାଯିବ ଓ ପ୍ରତିଥାନା ରେ ଗୋଟିଏ ସେକ୍ସନ ଫୋର୍ସ ରହିବେ ବୋଲି ଡ଼ିଆଦି ଡ଼ିଏସ୍‌ପି ପ୍ରଶାନ୍ତ ମାଝୀ ସୂଚନା ଦେଇଛନ୍ତି।

# ମହାକାଳ ବେଶରେ ଦର୍ଶନ ଦେଲେ ବାବା ହଟ୍ଟକେଶ୍ୱର



ଖୋର୍ଦ୍ଧା/ବେଗୁନିଆ, ୨୪।୩(ସମିସ): ଏସିଆ ମହାଦେଶରେ ପୁରାଣ ବର୍ଣ୍ଣିତ ପ୍ରସିଦ୍ଧ ଲାଭ କରିଥିବା ସର୍ବ ପୁରାତନ ମନ୍ଦିର ବାଘମାରି ଅଟ୍ଟିସ୍ଥିତ ବାବା ହଟ୍ଟକେଶ୍ୱର ପୀଠ ରେ ମହାକାଳ ବେଶରେ ଦର୍ଶନ ଦେଉଛନ୍ତି ବାଘମାରିର ପ୍ରତ୍ୟକ୍ଷ ଠାକୁର ଏକାଦଶ ରୁଦ୍ର ହଟକେଶ୍ୱର। ମହାକାଳେଶ୍ୱରଙ୍କ ଦର୍ଶନ ପାଇଁ ଆଉ ଯିବାକୁ ପଡ଼ିବନି ମଧ୍ୟପ୍ରଦେଶର ଉଜ୍ଜୟିନୀ ପୀଠକୁ। ଅଢେଇ କ୍ୱିଣ୍ଟାଲ ଅଷ୍ଟଧାତୁରେ ନିର୍ମାଣ ହୋଇଛନ୍ତି ହଟକେଶ୍ୱରଙ୍କ ମହାକାଳ ବେସ ସହ, ବିଶାଳ ନାଗ ମୂର୍ତ୍ତି, ତ୍ରିଶୂଳ, ଡମ୍ବରୁ ଓ ଛତ୍ରୀ। ବାଲକାଟିର ଅଭିଜ୍ଞ କାରିଗରଙ୍କ ଦ୍ୱାରା ୬ମାସ ସମୟ ମଧ୍ୟରେ ଏକାଦଶ ରୁଦ୍ର ବାବା ହଟକେଶ୍ୱରଙ୍କ ଏହି ଦୁର୍ଲଭ ସାମଗ୍ରୀ ପ୍ରସ୍ତୁତ ହୋଇଛି। ଦଶ କିଲୋ ଅଷ୍ଟଧାତୁରେ ମହାକାଳଙ୍କ ରୂପ ପ୍ରସ୍ତୁତ ହୋଇଥିବା ବେଳେ, ଦେଢ଼ କୁଇଁଟାଲ ଓଜନର ବିଶାଳ ନାଗ ମୂର୍ତି, ୪୦କେଜି ଓଜନର ତ୍ରିଶୂଳ ଓ ଡ଼ମ୍ବରୁ ଏବଂ ୪୦ କେଜିର ଛତ୍ରୀ ପ୍ରସ୍ତୁତ ହୋଇଛି। ହଟକେଶ୍ୱର ମହାପ୍ରଭୁଙ୍କୁ ଏହି ସାମଗ୍ରୀ ପ୍ରଦାନ କରିଛନ୍ତି ସ୍ଥାନୀୟ ଓଗାଳପୁର ଅଞ୍ଚଳର ସମାଜସେବୀ ପୂର୍ଣ୍ଣ ଚନ୍ଦ୍ର ବିଶ୍ୱାଳ। ମାନସିକ ପୂର୍ଣ୍ଣ ପରେ ମହାପ୍ରଭୁଙ୍କୁ ଏଭଳି ବେଶରେ ସଜାଇବା ପାଇଁ ମନସ୍ତ କରିଥିଲେ ପୂର୍ଣ୍ଣଚନ୍ଦ୍ର।

ପୂର୍ଣ୍ଣଚନ୍ଦ୍ରଙ୍କ କହିବା ଅନୁସାରେ ସମଗ୍ର ଭାରତର ମଧ୍ୟପ୍ରଦେଶର ଉଜ୍ଜୟିନୀର ପ୍ରସିଦ୍ଧ ମହାକାଳେଶ୍ୱରଙ୍କୁ ଦର୍ଶନ କରିବା ପାଇଁ ବହୁ ଭକ୍ତ ଅସମର୍ଥ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ମହାପ୍ରଭୁଙ୍କୁ ଏଭଳି ବେଶରେ ସଜାଇବା ପାଇଁ ମନସ୍ଥ କରିଥିଲେ। ସେହିପରି ଏକାଦଶ ରୁଦ୍ର ମହାପ୍ରଭୁ ହଟକେଶ୍ୱର ସ୍ୱତନ୍ତ୍ର ବଡ ସିଂହାର ବେଶରେ ଏହି ମହାକାଳେଶ୍ୱର ବେଶରେ ଦର୍ଶନ ଦେଉଛନ୍ତି। ରାଜ୍ୟରେ ଏହି ମହାକାଳ ବେସ ପ୍ରଥମ ହୋଇଥିବା ବେଳେ ମହାପ୍ରଭୁଙ୍କ ଏଭଳି ଦୁର୍ଲଭ ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳୁଛି।

ମନ୍ଦିରର ପୂଜାପଣ୍ଡା ସେବକ ଦିଲ୍ଲୀପ କୁମାର ପଣ୍ଡାଙ୍କ କହିବା ଅନୁଯାୟୀ ବାବା ହଟ୍ଟକେଶ୍ୱର ତଥା ଏକାଦଶ ରୁଦ୍ର ଅର୍ଥାତ ବିତଳର ଅଧିକାରୀ ଅଟନ୍ତି। ହଟ୍ଟର ଅର୍ଥ ହେଉଛି ସୁବର୍ଣ୍ଣ ହୋଇଥିବାରୁ ସୁବର୍ଣ୍ଣ ଈଶ୍ୱର ନାମରେ ମଧ ପରିଚିତ ହୋଇଛନ୍ତି ବୋଲି ସଂସ୍କୃତ ଭାଗବତରେ ଲିଖିତ ଭାବେ ରହିଛି। ବାବାଙ୍କର ମହାକାଳ ବେଶ ଦର୍ଶନ ଲାଗି ଶହ ଶହ ଭକ୍ତଙ୍କ ସୁଅ ଛୁଟୁଥିବା କହିଛନ୍ତି।

# ଦୋଳ ପୂର୍ଣ୍ଣିମାରେ ମଞ୍ଚସ୍ଥ ହେବ ନାଟକ

ଭୂଷଣ୍ଡପୁର, ୨୪।୩(ସମିସ):ଟାଙ୍ଗୀ ବ୍ଲକର ଭୂଷଣ୍ଡପୁର ଓ ବାଲିପାଟପୁର ପଞ୍ଚାୟତରେ ପ୍ରସିଦ୍ଧ ଦୋଳପୂର୍ଣ୍ଣିମା ଉତ୍ସବ ଉପଲକ୍ଷେ ଚଳିତ ବର୍ଷ ଦୁଇ ଦିନ ଧରି ନାଟକ ମଞ୍ଚସ୍ଥ ହେବାର କାର୍ଯ୍ୟକ୍ରମ ରହିଛି। ଆବାହମାନ କାଳରୁ ଭୂଷଣ୍ଡପୁର ଦୋଳ ପୂର୍ଣ୍ଣିମା ର ଏକ ସ୍ୱତନ୍ତ୍ର ବୈଶିଷ୍ଟ ଅଛି। ଦୁଇ ପଞ୍ଚାୟତର କେନ୍ଦ୍ରସ୍ଥଳ ଦୋଳପଡ଼ିଆର ନିର୍ମିତ ଦୋଳବେଦୀରେ ଗୋଟିଏ ପାର୍ଶ୍ୱରେ ଐଶ୍ୱାନେଶ୍ୱର ଦେବ ଏବଂ ଅନ୍ୟ ଏକ ପାର୍ଶ୍ୱରେ ପତିତପାବନଦେବ ବିରାଜମାନ କରିଥାନ୍ତି। ଚଳିତ ବର୍ଷ ରଘୁନାଥଦେବ ଯୁବନାଟ୍ୟ ସଂସଦ ଦ୍ୱାରା ଦୁଇଟି ସାମାଜିକ ନାଟକ ପରିବେଷଣ କରାଯିବା ପାଇଁ ପ୍ରଶିକ୍ଷଣ ଶିବିର ଚାଲୁଅଛି। ନାଟକ (କଳା କାହ୍ନୁ ମୋର କାଳିଆ ସୁନା ଏବଂ ଚଉଠି ରାତିର ଚଉଦ କଥା) ରେ ଅଜୟ ମହାରଣା, ଦିଲ୍ଲୀପ ପ୍ରଧାନ, କାଳିଆ ବାରିକ, ବିକାଶ ପ୍ରଧାନ, ପ୍ରମୋଦ ନାୟକ, ସୌମ୍ୟ ରଞ୍ଜନ ପଟ୍ଟନାୟକ, ଶରତ ବେହେରା ଏବଂ ଧୀରେନ୍ଦ୍ର ନରେନ୍ଦ୍ର ଅଭିନୟ କରିଥିବା ବେଳେ ନାଟକକୁ ବିକ୍ରମ ବିଶ୍ୱାଳ ନିର୍ଦ୍ଦେଶନା ଏବଂ ସନ୍ତୋଷ ଖାଡ଼ଙ୍ଗା ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି।

# ପ୍ଲାଷ୍ଟିକ ପ୍ରଦୂଷଣ ମୁକ୍ତ ଚିଲିକା ଲାଗି ଦକ୍ଷତା ବିକାଶ କାର୍ଯ୍ୟକ୍ରମ



ବାଲୁଗାଁ, ୨୪।୩ (ସମିସ):ଚିଲିକା ବନ୍ୟପ୍ରାଣୀ ବିଭାଗର ସହଯୋଗରେ ବାଲୁଗାଁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଓ ଯୁବ ରେଡକ୍ରସ୍‌ର ମିଳିତ ଆନୁକୂଲ୍ୟରେ ପ୍ଲାଷ୍ଟିକ ପ୍ରଦୂଷଣ ମୁକ୍ତ ଚିଲିକା ଉଦ୍ଦେଶ୍ୟରେ ଏକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଡିଏଫଓ ଅମ୍ଲାନ କୁମାର ନାୟକ ଓ ରେଞ୍ଜର ଅଫିସର ରଶ୍ମିତା ଜେନାଙ୍କ ତତ୍ୱାବଧାନରେ ମହାବିଦ୍ୟାଳୟର ସମସ୍ତ ଏନଏସଏସ, ରେଡକ୍ରସର ସ୍ୱେଚ୍ଛାସେବୀ ଓ ଏନସିସି କ୍ୟାଡେଟମାନେ ଡଙ୍ଗା ମାଧ୍ୟମରେ ନଳବଣକୁ ଯାତ୍ରା କରି ସେଠାକାର ପରିବେଶକୁ ଅନୁଧ୍ୟାନ କରିବା ସହ ସଫେଇ କାର୍ଯ୍ୟ କରିଥିଲେ। ସେଠାରୁ ବାହାରି ମା'କାଳିଜାଇଙ୍କ ମନ୍ଦିରରେ ପହଞ୍ଚି ସେଠାରେ ପଡ଼ି ରହିଥିବା ଅଳିଆ ଓ ପ୍ଲାଷ୍ଟିକ ଆବର୍ଜନା ଆଦି ସଫେଇ କରି ପରିବେଶ ପରିଷ୍କାର କରିଥିଲେ। ଶେଷରେ ସିଡିଏ ଅଫିସର ମନୋରଞ୍ଜନ ମିଶ୍ର, ଫରେଷ୍ଟ ଗାର୍ଡ ନାରାୟଣ ଆରତିଆ, କୃପାଞ୍ଜଳି ଶ୍ରୀଚନ୍ଦନ, ଲିପିନା ପାଇକରାୟଙ୍କ ଦ୍ୱାରା ସ୍ୱେଚ୍ଛାସେବୀମାନେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ଅଭିଜ୍ଞତା ଅର୍ଜନ କରିଥିଲେ। ମହାବିଦ୍ୟାଳୟର ଏନଏସଏସ ଅଧିକାରୀ ଡଃ ଲକ୍ଷ୍ମୀଧର ସୁବୁଦ୍ଧି ଓ ରୀନା ରାଉତ, ରେଡକ୍ରସ୍‌ର କାଉନସିଲର ମନସ୍ୱିନୀ ପଟ୍ଟନାୟକ ଓ ଅଧ୍ୟାପିକା ସ୍ୱାତୀ ସ୍ୱାଗତିକା ସାହୁ, ପ୍ରିୟମ୍ବଦା ମହାପାତ୍ର, ଝରଣା ନାଥ, ସୁଚିସ୍ମିତା ମହାପାତ୍ର, ରୋଜାଲିନ ମିଶ୍ର, ଅମ୍ରିତା ନନ୍ଦ, ଅଧ୍ୟାପକ ଚନ୍ଦନ ନାୟକ, ବିଶ୍ୱଜିତ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶତାୟୁ ସ୍ୱାଧୀନତା ସଂଗ୍ରାମୀ ହଟ୍ଟନାଥଙ୍କ ପରଲୋକ



ଖୋର୍ଦ୍ଧା/ବେଗୁନିଆ, ୨୪।୩(ସମିସ): ପରଲୋକରେ ଶତାୟୁ ସ୍ୱାଧୀନତା ସଂଗ୍ରାମୀ ହଟ୍ଟନାଥ ମଙ୍ଗରାଜ। ୧୦୪ବର୍ଷ ବୟସରେ ଶନିବାର ରାତି ୯ଟା ୪୫ ମିନିଟ୍ ସମୟରେ ବେଗୁନିଆ ବ୍ଲକ ସିକୋ ସ୍ଥିତ ବାସଭବନରେ ତାଙ୍କର ଦେହାନ୍ତ ହୋଇଛି। ହଟ୍ଟନାଥ ମଙ୍ଗରାଜ ମହାନ୍ ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଭୂମିକା ନେଇଥିଲେ। ସ୍ୱାଧୀନତା ସଂଗ୍ରାମର ଏହି ମହାନ୍ ବ୍ୟକ୍ତିତ୍ୱଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ପ୍ରାକ୍ତନ ରାଷ୍ଟ୍ରପତି ସ୍ୱର୍ଗତ ପ୍ରଣବ ମୁଖାର୍ଜୀ ସମ୍ବର୍ଦ୍ଧିତ କରିଥିଲେ। ପ୍ରଚଣ୍ଡ ସ୍ୱାଭିମାନୀ ସ୍ୱାଧୀନତା ସଂଗ୍ରାମୀ ହଟ୍ଟନାଥ ମଙ୍ଗରାଜ ସରକାରଙ୍କଠାରୁ ସ୍ୱାଧୀନତା ସଂଗ୍ରାମୀ ଭତା ଗ୍ରହଣ କରିବାକୁ ଅଗ୍ରାହ୍ୟ କରିଥିଲେ।

ଏହାବ୍ୟତୀତ ଖୋର୍ଦ୍ଧାଜିଲ୍ଲା କଳିଙ୍ଗ ପାଇକ ସଂଘର ପ୍ରତିଷ୍ଠାତା ସଭାପତି ଶ୍ରୀ ମଙ୍ଗରାଜଙ୍କ ବିୟୋଗରେ କଳିଙ୍ଗ ପାଇକ ସଙ୍ଗଠନ, ପିଣ୍ଡିକି ବାହୁ ବଳେନ୍ଦ୍ର ସଙ୍ଗଠନ, ତାପଙ୍ଗ ଦଳବେହେରା ସ୍ମୃତି ସଂସଦ, ଖଣ୍ଡାୟତ କ୍ଷତ୍ରୀୟ କଳ୍କୀସେନାର କର୍ମକର୍ତାଙ୍କ ସମେତ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର ମହାପାତ୍ର, ବିଜେଡ଼ି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ସଂଖ୍ୟା ଲଘୁ ସମ୍ପ୍ରଦାୟର ରାଜ୍ୟ ସାଧାରଣ ସମ୍ପାଦକ ମହମ୍ମଦ ମୋହିଉଦ୍ଦିନ ଅହମ୍ମଦ, ବରିଷ୍ଠ ସିପିଆଇ ରାଜ୍ୟନେତା ବସନ୍ତ କୁମାର ପାଇକରାୟ ଓ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥିଙ୍କ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ପରେ ତାଙ୍କ ପାର୍‌ଥିବ ଶରୀରକୁ ଗ୍ରାମ୍ୟ ପରିକ୍ରମା କରି ଗ୍ରାମ୍ୟ ଶ୍ମଶାନରେ ବଡ଼ପୁଅ ଭାଗିରଥି ମଙ୍ଗରାଜ ମୁଖାଗ୍ନି ଦେବା ପରେ ଅନ୍ତ୍ୟେଷ୍ଟିକ୍ରିୟା ସମାପନ ହୋଇଥିଲା।

# ଭାରସାମ୍ୟ ହରାଇ ଗାଡି ଧକ୍କା, ୩ ଆହତ

ବେଗୁନିଆ, ୨୪।୩(ସମିସ):ବେଗୁନିଆ ବ୍ଲକ ସିକୋ ଫାଣ୍ଡି ଅନ୍ତର୍ଗତ ପୂର୍ଣ୍ଣମାସିପାଟଣା ସାହି ଠାରେ ଟାଟା ଏସ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ସହ ଚାଳକ ଆହତ ହୋଇଥିବାର ଜଣାପଡ଼ିଛି। ରଣପୁରରୁ ନୂଆ ଜଗନ୍ନାଥ ସଡକ ଦେଇ ଟାଟା ଏସିଗାଡି କୁଡୁଆ ବୋଝେଇ କରି ପୁରୀ ଯାଉଥିବାବେଳେ ଗାଡିର ଚାଳକ ଭାରସାମ୍ୟ ହରାଇ ଗ୍ରାମର ଗୁଣନିଧି ଜୟସିଂହଙ୍କୁ ଧକ୍କା ଦେଇ ରାସ୍ତାରେ ଓଲଟି ପଡ଼ିଥିଲା। ଫଳରେ ଗୁଣନିଧିଙ୍କ ସହ ଗାଡି ଚାଳକ ନୟାଗଡ଼ ଜିଲ୍ଲା ବିରୁଡ଼ା ଗ୍ରାମର ଶ୍ରୀନିବାସ ପରିଡ଼ା ଓ ଆରୋହୀ ମହେଶ୍ୱର ମୁଦୁଲି ଆହତ ହୋଇଛନ୍ତି। ଉଭୟଙ୍କର ଗୋଡ଼ ଓ ହାତ ଭାଙ୍ଗି ଯାଇଥିବାବେଳେ ମହେଶ୍ୱରଙ୍କର ମୁଣ୍ଡ ମାଡ଼ ହୋଇଛି। ଘଟଣାସ୍ଥଳରେ ସିକୋ ଫାଣ୍ଡି ଅଧିକାରୀ ପ୍ରସନ୍ନ କୁମାର ଜେନା ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଇଥିଲେ।

# ଦୁର୍ଘଟଣାରେ ଜଣେ ମୃତ, ୩ ଗୁରୁତର

ଟାଙ୍ଗୀ/କାଲୁପଡ଼ାଘାଟ, ୨୪।୩(ସମିସ):୧୬ ନଂ ଜାତୀୟ ରାଜପଥର ଟାଙ୍ଗୀ ଚାନ୍ଦପୁର ବାଇପାସ ଗୌରଚନ୍ଦ୍ରପୁର ଛକ ନିକଟରେ ଏକ ସଡକ ଦୁର୍ଘଟଣା ଘଟି ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଥିଲା ବେଳେ ଅନ୍ୟ ୩ ଜଣଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଭୁବନେଶ୍ୱରରେ ବିଇଡି ପାଠ ପଢୁଥିବା ଦୁଇଜଣ ଛାତ୍ର ଓ ୨ ଜଣ ଛାତ୍ରୀ ଗୋଟିଏ କାର୍‌ରେ ଚିଲିକା ବୁଲିବାକୁ ଆସୁଥିଲେ। ଗୌରଚନ୍ଦ୍ରପୁର ଛକ ଠାରେ ଏକ ଟ୍ରଲର ପଛପଟେ କାରଟି ପିଟି ହୋଇଯାଇଥିଲା। କାର୍ ଆରୋହୀମାନେ ଗୁରୁତର ହୋଇ ପଡ଼ିଥିବାରୁ ସ୍ଥାନୀୟ ଲୋକେ ଟାଙ୍ଗୀ ଅଗ୍ନିଶମ କେନ୍ଦ୍ରକୁ ଖବର ଦେବା ପରେ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଁଚି ସେମାନଙ୍କୁ ଚାନ୍ଦପୁର ବସନ୍ତମଞ୍ଜରୀ ସାଧାରଣ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ଜଣଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି। ତାଙ୍କ ଘର ଧାମନଗର ଅଞ୍ଚଳର ଅମରଜ୍ୟୋତି ରାଉତ (୨୮) ବୋଲି ଜଣାପଡ଼ିଛି। ଗୁରୁତର ଆହତ ହୋଇଥିବା ଯୁବକଙ୍କ ନାମ ଦୀପ୍ତି ସାମନ୍ତରାୟ, (୨୪), ଘର କେନ୍ଦ୍ରାପଡ଼ା, ଦୁଇ ଜଣ ଛାତ୍ରୀ ହେଉଛନ୍ତି ରଞ୍ଜିତା ନାୟକ ଓ କୋମଲ ଶର୍ମା। ଏମାନଙ୍କ ଘର କଳାହାଣ୍ଡି ଓ ଭଦ୍ରକ ବୋଲି ଜଣାପଡ଼ିଛି। ଭୁବେନେଶ୍ୱରେ ବିଇଡି ପାଠ ପଢୁଥିଲା ବେଳେ ଦୋଳ ଛୁଟି ହୋଇଥିବା ହେତୁ ସେମାନେ ଚିଲିକା ଭ୍ରମଣରେ ଆସିଥିଲେ। କିନ୍ତୁ ସେମାନଙ୍କ ପରିବାରଙ୍କ ଅଗୋଚରରେ ଆସିଥିବା ସୂଚନା ମିଳିଛି। ଚାନ୍ଦପୁର ପୁଲିସ ଦୁର୍ଘଟଣାସ୍ଥଳରେ ପହଁଞ୍ଚିଚ ପ୍ରାରମ୍ଭିକ ତଦନ୍ତ କରି ଚିକିତ୍ସାଳୟରେ ପହଁଞ୍ଚିଚ ଥିବା ସୂଚନା ମିଳିଛି।

# ବିରଳ ଗରୁଡ ପକ୍ଷୀ ଉଦ୍ଧାର

ବେଗୁନିଆ, ୨୪।୩(ସମିସ): ବେଗୁନିଆ ବ୍ଲକ କଣ୍ଟାବାଡ ପଞ୍ଚାୟତ ଅନ୍ତର୍ଗତ ମଲ୍ଲିପଦର ଗ୍ରାମର ରବି ନାରାୟଣ ଦାଶଙ୍କ ଘରୁ ଏକ ବିରଳ ଗରୁଡ ପକ୍ଷୀ ବନ ବିଭାଗ ପକ୍ଷରୁ ଉଦ୍ଧାର କରାଯାଇଛି। ବେଗୁନିଆ ବନପାଳ ପ୍ରିୟଦର୍ଶିନୀ ସେଠୀଙ୍କ ସୂଚନା ମୁତାବକ ରବିବାର ଅପରାହ୍ନରେ କାଉ



ମିଳିତ ଭାବେ ଆକ୍ରମଣ କରୁଥିବା ସମୟରେ ଜୀବନ ବଞ୍ଚାଇବା ପାଇଁ ଶ୍ରୀ ଦାଶଙ୍କ ଘରେ ପଶି ଯାଇଥିଲା। ସମାଜସେବୀ ଶିଶିର କୁମାର ଆଚାର୍ଯ୍ୟ ଖୋର୍ଦ୍ଧା ଜିଲ୍ଲା ବନ ବିଭାଗ ଅଧିକାରୀଙ୍କୁ ଜଣାଇ ଥିଲେ। ବେଗୁନିଆ ବନପାଳ ଶ୍ରୀମତୀ ସେଠୀ ପହଞ୍ଚି ଆହତ ଗରୁଡ ପକ୍ଷୀକୁ ନେଇ ଯାଇଥିବା ବେଳେ ପରେ ତାକୁ ଚିକିତ୍ସା କରି ଛାଡ଼ି ଦିଆଯିବ ବୋଲି କହିଛନ୍ତି।

# ଏଟିଏମ୍ କାର୍ଡ ବଦଳାଇ ଆକାଉଣ୍ଟରୁ ୧୭ ହଜାର ଟଙ୍କା ଲୁଟ୍

ବାଲୁଗାଁ, ୨୪।୩(ସମିସ): ବାଣପୁର ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଏଟିଏମ୍ କାର୍ଡ ବଦଳାଇ ତାଙ୍କ ଆକାଉଣ୍ଟରୁ ଜଣେ ଦୁର୍ବୃତ୍ତ ୧୭ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇ ଥିବା ନେଇ ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ବାଣପୁର ଖୁଣ୍ଟପଲ୍ଲୀ ଗ୍ରାମର ମକଦ୍ଦମ ଜେନା(୫୮) ନିଜର ଆକାଉଣ୍ଟରେ କେତେ ଟଙ୍କା ଜମା ଅଛି, ଜାଣିବା ପାଇଁ ତାଙ୍କ ଏଟିଏମ କାର୍ଡ ନେଇ ବାଣପୁର ଷ୍ଟେଟ ବ୍ୟାଙ୍କ ଶାଖାର ଏଟିଏମ କାଉଁଣ୍ଟରକୁ ଯାଇ ଥିଲେ। କିନ୍ତୁ ସେ କିଛି ଜାଣି ନଥିବାରୁ ଏଟିଏମ କାର୍ଡଟିକୁ ସେଠାରେ ଉପସ୍ଥିତ ଜଣେ ବ୍ୟକ୍ତିକୁ ଦେଇ ଆକାଉଣ୍ଟରେ କେତେ ଟଙ୍କା ଅଛି ଦେଖିବାକୁ କହିଥିଲେ। ଉକ୍ତ ବ୍ୟକ୍ତି ଜଣକ ଚଞ୍ଚକତା କରି ଜମା ରସିଦ ସହ ଉକ୍ତ ଏଟିଏମ୍ କାର୍ଡକୁ ବଦଳାଇ ଅନ୍ୟ ଏକ ଏଟିଏମ କାର୍ଡ ମକଦ୍ଦମଙ୍କୁ ଦେଇ ଚାଲି ଯାଇଥିଲେ। କିଛି ସମୟ ପରେ ସେଠାକୁ ନିଜର ଜଣେ ସମ୍ପର୍କୀୟ ଆସିବାରେ ମକଦ୍ଦମ ପୁଣିଥରେ ଉକ୍ତ ଏଟିଏମ କାର୍ଡ ଦେଇ ଆକାଉଣ୍ଟରେ କେତେ ଟଙ୍କା ଜମା ଅଛି ଦେଖିବାକୁ କହିଥିଲେ। କିନ୍ତୁ ଆକାଉଣ୍ଟ ଯାଞ୍ଚ ବେଳେ ଉକ୍ତ ଏଟିଏମ କାର୍ଡଟି ମକଦ୍ଦମଙ୍କର ନୁହେଁ ବୋଲି ଜଣାପଡ଼ିଥିଲା। ସେତେବେଳକୁ ଦୁର୍ବୃତ୍ତ ଜଣକ ଉକ୍ତ ଏଟିଏମ କାର୍ଡ ବ୍ୟବହାର କରି ମକଦ୍ଦମଙ୍କ ଆକାଉଣ୍ଟରୁ ୧୭ ହଜାର ୫ ଶହ ୬୫ ଟଙ୍କା ଉଠାଇ ନେଇଥିବା ତାଙ୍କ ମୋବାଇଲକୁ ଆସିଥିବା ମେସେଜରୁ ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ମକଦ୍ଦମ ବାଣପୁର ଥାନାରେ ଲିଖିତ ଅଭିଯୋଗ କରିବାରୁ ପୁଲିସ ଏକ ମାମଲା ରୁଜୁ କରି ବ୍ୟାଙ୍କ ସିସିଟିଭି ଫୁଟେଜ ଯାଞ୍ଚ କରି ଦୁର୍ବୃତ୍ତର ,ଫଟୋ ସଂଗ୍ରହ କରି ତଦନ୍ତ ଜାରି ରଖିଛି।

କାଇପଦର ପ୍ରିମିୟର ଲିଗ୍ କ୍ରିକେଟ୍

# ପାଇକ ଫାଇଟର୍ ଚାମ୍ପିଅନ

ଖୋର୍ଦ୍ଧା, ୨୪।୩(ସମିସ): ଖୋର୍ଦ୍ଧା ଉପକଣ୍ଠ ସାଆନ୍ତା ମା'ବଘେଇ କ୍ରିକେଟ ଖେଳ ପଡ଼ିଆ ଠାରେ ଚାଲିଥିବା କାଇପଦର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସିଜିନ-୨ର ଫାଇନାଲ ମ୍ୟାଚ୍ ବାବା ୱାରିୟର୍ସ ଓ ପାଇକ ଫାଇଟର ମଧ୍ୟରେ ହୋଇଥିଲା। ପ୍ରଥମେ ପାଇକ




ଫାଇଟର ଦଳ ବ୍ୟାଟିଂ କରି ୧୫ଓଭର ଖେଳି ୭ୱିକେଟ୍‌ରେ ୧୯୮ ରନ୍ କରିଥିଲା। ଜବାବରେ ବାବା ୱାରିୟର୍ସ ୧୬.୪ ଓଭର ଖେଳି ସମସ୍ତ ୱିକେଟ୍ ହରାଇ ୧୩୮ ରନ୍ କରିଥିଲା। ଫଳରେ ପାଇକ ଫାଇଟର ୬୦ରନରେ ବିଜୟୀ ହୋଇଥିଲେ। ପାଇକ ଫାଇଟର ଦଳର ସ୍ୱାଧିନ ମଙ୍ଗରାଜ ୩୭ ବଲରୁ ୭୪ରନ କରି ମ୍ୟାନ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ଖେଳକୁ ଝଜ ସାମନ୍ତରାୟ ଓ ଶ୍ରଦ୍ଧାନନ୍ଦ ପ୍ରଧାନ ପରିଚାଳନା କରିଥିବା ବେଳେ ସ୍କୋରର ଦାୟିତ୍ୱରେ ଥିଲେ ଦିନେଶ ମହାରଥି, ସୁବ୍ରତ ମଲ୍ଲ। ମୁଖ୍ୟ ଅତିଥିଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ଜିଲ୍ଲା ପରିଷଦ ପ୍ରଫୁଲ୍ଲ ଦଳାଇ, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ବିଜୟ କୁମାର ଅରିସଲ, ସମିତି ସଭ୍ୟ ପ୍ରତିନିଧି ବିଭୁପ୍ରସାଦ ବଳିୟାରସିଂହ, ନାଏବ ସରପଞ୍ଚ ସମ୍ୟରଞ୍ଜନ ସ୍ୱାଇଁ, ଖୋର୍ଦ୍ଧା ବାର ଆସୋସିଏସନର ସଭାପତି ଅଜିତ କୁମାର ପଟ୍ଟନାୟକ, ଭାରତୀୟ ନିଗମ ଲିମିଟେଡର ମହାପ୍ରବନ୍ଧକ ଯୋଗିନାଥ ସେନାପତି, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ କୁମାର ସାମନ୍ତରାୟ, ଗୋପିନାଥ ମହାରଥି, ଲଳିତ ଭାରିମଲ୍ଲ, ଦୀପକ ରାଉତରାୟ, ଅମୂଲ୍ୟ ଛୋଟରାୟ, ଆକାଶ ମହାପାତ୍ର, ପ୍ରକାଶ ରଣସିଂହ, ଭିକାରୀ ବଳିୟାର ସିଂହ, ରବୀନ୍ଦ୍ର ମାର୍ଥା, ଭରତ ସିଂହ, ସୁବାସ ଓଝା, କବି ପାଇକରାୟ, ତାରେଶ୍ୱର ମଙ୍ଗରାଜ, ଦିଲ୍ଲୀପ ସିଂ, ପ୍ରମୋଦ ସିଂ, ଶୁଭ ପ୍ରସାଦ ରଣସିଂହ, ବିପ୍ଳନ୍ ଜ୍ୟୋତି ରାଉତରାୟ, ପ୍ରେମଜିତ୍ ରଣସିଂହ, ଆକାଶ ମହାପାତ୍ର, ସୁଶାନ୍ତ ଜୁଝାରସିଂହ, ଇଶ୍ୱର ପାଇକରାୟ, ରାଜେଶ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ପୁରସ୍କାର ବିତରଣ କରିଥିଲେ।

ବୋଲଗଡ଼ ପ୍ରିମିୟର୍ ଲିଗ୍

# ମହାବୀର ୱାରିଅର୍ ଓ ଫିଲ୍ଡ ଫାଇଟର୍ ବିଜୟୀ

ବୋଲଗଡ଼, ୨୪।୩(ସମିସ):ସ୍ଥାନୀୟ ପରମାନନ୍ଦ କଲେଜ ନିକଟ ଖେଳପଡ଼ିଆରେ ଚାଲିଥିବା ବୋଲଗଡ଼ ପ୍ରିମୀୟର



ଲିଗ(ବିପିଏଲ)ର ଦଶମ ସଂସ୍କରଣର ରବିବାର ଅନୁଷ୍ଠିତ ୨ ଟି ଲିଗ୍ ମ୍ୟାଚ୍‌ରେ ଦୁଇ ଫ୍ରାଞ୍ଚାଇଜ ଦଳ ମହାବୀର ୱାରିଆର ଓ ଫିଲ୍ଡ ଫାଇଟର ଦଳ ବିଜୟ ଲାଭ କରି ପରବର୍ତ୍ତି ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ମଧ୍ୟାହ୍ନ ୧୧ଟା ସମୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ରାଜା ଫାଇଟର ଓ ମହାବୀର ୱାରିଆର ମଧ୍ୟରେ ମୁକାବିଲା ହୋଇଥିଲା। ରାଜା ଫାଇଟର ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇ ନିର୍ଦ୍ଧାରିତ ୧୦ ଓଭରରେ ୫ଉଇକେଟ ବିନିମୟରେ ୧୧୯ ରନ ସଂଗ୍ରହ କରିଥିଲା।

ଜବାବରେ ମହାବୀର ୱାରିଅର୍ ଦଳ ୯.୨ ଓଭର ଖେଳି ୭ ଉଇକେଟ ହରାଇ ୧୨୨ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲା। ଏହି ମ୍ୟାଚରେ ଉନ୍ନତ ଖେଳ ପ୍ରଦର୍ଶନ କରି ମାନିଆ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଆମ୍ପେୟର ଭାବେ ମାଷ୍ଟର ରାଙ୍କୁ ଓ ଅଶୋକ ମହାରଣା ମ୍ୟାଚ ପରିଚାଳନା କରିଥିଲେ। ସେହିପରି ଅପରାହ୍ନ ୩ଟାରେ ଅନୁଷ୍ଠିତ ମ୍ୟାଚରେ ରୀୟଲ ଫାଇଟର ଓ ଫିଲ୍ଡ ଫାଇଟର ଦଳ ପରସ୍ପରକୁ ଭେଟିଥିଲେ। ରୀୟଲ ଫାଇଟର ଦଳ ଟସ୍ ଜିତି ବ୍ୟାଟିଂ ନିଷ୍ପତି ନେଇ ନିର୍ଦ୍ଧାରିତ ୧୦ ଓଭାର ରେ ୯ ଉଇକେଟ ହରାଇ ୭୫ ରନ ର ବିଜୟ ଲକ୍ଷ ଧାର୍ଯ୍ୟ କରିଥିଲା।

ଏହାକୁ ଫିଲ୍ଡ ଫାଇଟର ଦଳ ୮.୧ ଓଭର ଖେଳି ୩ ଉଇକେଟ ହରାଇ ୮୦ ରନ କରି ହାସଲ କରିନେଇଥିଲେ। ବିଜେତା ଦଳର ଖେଳାଳି ଗାନ୍ଧୀ ଉନ୍ନତ ଖେଳ ପ୍ରଦର୍ଶନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ମ୍ୟାଚଟିକୁ ଆମ୍ପାୟର ଭାବେ ଧନେଶ୍ୱର ଓ ଆଶା ମହାରଣା ପରିଚାଳନା କରିଥିଲେ। ବିପିଏଲ୍ ପରିଚାଳନା କମିଟି ସଦସ୍ୟ ଗୁଡ୍ଡୁ, ମୋହିତ, ସାଗର, କାଳିଆ, ପିଣ୍ଟୁ, ହାପି, ସ୍ନେହାଂଶୁ ଓ ଛମ୍ପା ପ୍ରମୁଖ ସହଯୋଗ କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୬୫ ● ପାଉଣ୍ଡ ୧୦୬.୭୩
- ୟୁରୋ ୯୦.୫୫ ● ୟେନ୍ ୦.୫୫

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୧,୨୫୦ (ନୂଆଦିଲ୍ଲୀ)
- ରୁପା : ୭୫,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୨,୮୩୧.୦୦
- ନିଫ୍ଟି ୨୨,୦୯୬.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ମୁକେଶ ଅମ୍ବାନୀଙ୍କୁ ଟକ୍କର ଦେବେ ଗୌତମ ଆଦାନୀ



**ନୂଆଦିଲ୍ଲୀ,୨୪।୩(ଏଜେନ୍ସି):** ଭାରତର ଧନୀ ବ୍ୟବସାୟୀ ଗୌତମ ଆଦାନୀ ଖୁବ୍ ଶୀଘ୍ର ଟେଲିକମ୍ ଶିଳ୍ପରେ ପ୍ରବେଶ କରିବାକୁ ଯାଉଛନ୍ତି। ଏବେ ଟେଲିକମ୍ ସେବାରେ ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଜିଓ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଛନ୍ତି ଆଦାନୀ।

**ଗ୍ରୁପ୍ ଆରମ୍ଭ କରିବ ମାଗଣା ୫ଜି ଇଣ୍ଟରନେଟ୍ ସେବା**

ଇଣ୍ଟରନେଟ୍ ସେବା ବଜାରରେ ଗୌତମ ଆଦାନୀଙ୍କ ପ୍ରବେଶ ନେଇ ସାରା ଦେଶରେ ଗୁଜବ ପ୍ରଚାରିତ ହେବାରେ ଲାଗିଛି। କାରଣ ଭାରତରେ ପରବର୍ତ୍ତୀ ସ୍ପେକ୍ଟ୍ରମ୍ ନିଲାମ ମେ' ୨୦ରୁ ଆରମ୍ଭ ହେବାକୁ ଯାଉଛି। ମାର୍ଚ୍ଚ ୮ ରେ ଟେଲି ଯୋଗାଯୋଗ ବିଭାଗ ଏ ସମ୍ପର୍କରେ ନୋଟିସ ଜାରି କରିଥିଲା। ଗତ ସ୍ପେକ୍ଟ୍ରମ୍ ନିଲାମରେ ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଗୌତମ ଆଦାନୀ ମଧ୍ୟ ଭାଗ ନେଇଥିଲେ। ଏହି କାରଣରୁ, ଚଳିତବର୍ଷ ନିଲାମରେ ଅରବପତି ଶିଳ୍ପପତି ମଧ୍ୟ ଅଂଶଗ୍ରହଣ କରିବେ ବୋଲି ବିଶ୍ୱାସ କରାଯାଉଛି। ଆଦାନୀ ବୋଧହୁଏ ୫ଜି ଇଣ୍ଟରନେଟ୍ ସେବା ହାସଲ କରିବାର ଏକ ସମ୍ଭାବ୍ୟ ସୁଯୋଗ ଖୋଜୁଛନ୍ତି। ନିକଟରେ ଗୌତମ ଆଦାନୀ ଡାଟା କେନ୍ଦ୍ର ବିସ୍ତାର କରିବାକୁ ଯୋଜନା କରୁଥିବା ନେଇ କର୍ମଚାରୀଙ୍କ ସହ ଏକ ବୈଠକରେ କହିଥିଲେ। ଆଦାନୀ ଦେଶରେ ୫ଜି ଇଣ୍ଟରନେଟର ବୃଦ୍ଧି ପାଉଥିବା ପରିସରରେ ଭାଗ ନେବାକୁ ଚିନ୍ତା କରୁଛନ୍ତି। କ୍ୱାଲକମ୍ ସିଇଓ କିଛି ଦିନ ପୂର୍ବରୁ ଭାରତ ଆସି ଗୌତମ ଆଦାନୀଙ୍କୁ ଭେଟିଥିଲେ। ଆଦାନୀ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏହି ବୈଠକ ବିଷୟରେ ସୂଚନା ଦେଇଥିଲେ। ରିପୋର୍ଟ ଅନୁଯାୟୀ ସେ ଖୁବ୍ ଶୀଘ୍ର ଏକ ନୂତନ କମ୍ପାନୀର ଶୁଭାରମ୍ଭ କରିପାରନ୍ତି।

# ରାଜଧାନୀରେ ଅରେଞ୍ଜ ହ୍ୱିଲ୍ସ ଇଣ୍ଡିଆର ଅତ୍ୟାଧୁନିକ କ୍ଲିନିକ୍

**ଭୁବନେଶ୍ୱର,୨୪।୩(ସମିସ):** ଶ୍ରବଣ ସମ୍ପର୍କିତ ସ୍ୱାସ୍ଥ୍ୟସେବା ଶିଳ୍ପରେ ଏକ ଅଗ୍ରଣୀ ସଂସ୍ଥା ଓ ସିଗନିଆ ଶ୍ରବଣ ଯନ୍ତ୍ରର ଏକ ସ୍ୱୀକୃତିପ୍ରାପ୍ତ ବିତରକ ଭାବେ ପ୍ରତିଷ୍ଠିତ ଅରେଞ୍ଜ ହ୍ୱିଲ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ନୂତନ ଶ୍ରବଣ ଓ ସ୍ପିଚ୍ କ୍ଲିନିକ୍ ଭୁବନେଶ୍ୱରଠାରେ ଉଦ୍‌ଘାଟିତ ହୋଇଯାଇଛି। ଅତ୍ୟାଧୁନିକ ଜ୍ଞାନକୌଶଳ ସହିତ ଉଚ୍ଚ ପ୍ରଶିକ୍ଷିତ ପେସାଦାରଙ୍କୁ ନେଇ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରଠାରେ ଅବସ୍ଥିତ ଏହି ନୂତନ କ୍ଲିନିକ୍ ବ୍ୟାପକ ଭାବେ ଶ୍ରବଣ ସମ୍ପର୍କିତ ସ୍ୱାସ୍ଥ୍ୟସେବା ଯୋଗାଇ



ଦେବାକୁ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ। ଶ୍ରବଣ ସମ୍ପର୍କିତ ସମସ୍ୟା ଦିଗରେ ଉନ୍ନତମାନର ସେବା ଯୋଗାଇ ଦେବା ଓ ସ୍ଥାନୀୟ ଅଂଚଳରେ ଶ୍ରବଣ ସମ୍ପର୍କିତ ସୁସ୍ଥତା ସଂକ୍ରାନ୍ତରେ ସଚେତନତା ସୃଷ୍ଟି କରିବା ଉପରେ କମ୍ପାନୀ ବିଶେଷ ରୂପେ ଧ୍ୟାନ ଦେଉଛି। କମ୍ପାନୀ ପକ୍ଷରୁ ଏହାର କ୍ଲିନିକ୍‌ରେ ବିଭିନ୍ନ ପ୍ରକାର ସେବା ଯଥା ଶ୍ରବଣ ଆକଳନ, ସ୍ପିଚ୍ ଥେରାପୀ, ଶ୍ରବଣ ଯନ୍ତ୍ର ଫିଟିଙ୍ଗସ୍ ଏବଂ ପରାମର୍ଶ ପ୍ରଦାନ ଭଳି ସେବା ଯୋଗାଇ ଦିଆଯିବ। ଏହି ଅବସରରେ ଅରେଞ୍ଜ ହୁଇଲ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ଅଭିଷେକ ଓ ସିଦ୍ଧାନ୍ତ କହିଛନ୍ତି ଯେ, ଆମେ କମ୍ପାନୀର ସଂପ୍ରସାରଣ ସହିତ ଭୁବନେଶ୍ୱର ଭଳି ଏକ ବିକଶିତ ସହରରେ ଶ୍ରବଣ ସମ୍ପର୍କିତ ସ୍ୱାସ୍ଥ୍ୟସେବା ପ୍ରଦାନ କରୁଥିବାରୁ ବେଶ ଆନନ୍ଦିତ ଅନୁଭବ କରୁଛୁ। ଉଚ୍ଚମାନର ଶ୍ରବଣ ସମ୍ପର୍କିତ ସ୍ୱାସ୍ଥ୍ୟ ସେବା ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଶ୍ରବଣ ଯନ୍ତ୍ର ମାଧ୍ୟମରେ ଲୋକମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଆମ କ୍ଲିନିକ୍‌ର ମୁଖ୍ୟ ଉଦ୍ଦେଶ୍ୟ।

**ବିଶ୍ୱ ବ୍ୟାଙ୍କ ରିପୋର୍ଟ | କ୍ରେଡିଟ୍ କାର୍ଡ ସ୍ଥିତି**

# ଆଫଗାନିସ୍ତାନରେ ହେଉନି କ୍ରେଡିଟ୍ କାର୍ଡର ବ୍ୟବହାର

**ନୂଆଦିଲ୍ଲୀ,୨୪।୩(ଏଜେନ୍ସି)**

- ଭାରତରେ କ୍ରେଡିଟ୍ କାର୍ଡଧାରୀଙ୍କ ସଂଖ୍ୟା ୧୦ କୋଟି
- ପାକିସ୍ତାନ-ବାଂଲାଦେଶର ଜନସଂଖ୍ୟାର ୧%ରୁ କମ୍ ଲୋକଙ୍କ ପାଖରେ କ୍ରେଡିଟ୍ କାର୍ଡ
- କାନାଡ଼ାରେ ସର୍ବାଧିକ ୮୨.୭୪% ଲୋକଙ୍କ ପାଖରେ କ୍ରେଡିଟ୍ କାର୍ଡ

ଭାରତ ସମେତ ସମଗ୍ର ବିଶ୍ୱରେ କ୍ରେଡିଟ କାର୍ଡର ଲୋକପ୍ରିୟତା ବୃଦ୍ଧି ପାଉଛି। ଏକ ରିପୋର୍ଟ ଅନୁଯାୟୀ, ଭାରତରେ କ୍ରେଡିଟ କାର୍ଡ ସଂଖ୍ୟା ପ୍ରାୟ ୧୦ କୋଟିରେ ପହଞ୍ଚିଲାଣି। ଦେଶର ଅନେକ ଲୋକଙ୍କ ପାଖରେ ଏକରୁ ଅଧିକ କ୍ରେଡିଟ୍ କାର୍ଡ ରହିଛି। ବିଶ୍ୱ ବ୍ୟାଙ୍କର ଏକ ରିପୋର୍ଟ ଅନୁଯାୟୀ, ଭାରତରେ ୪.୬୨ ପ୍ରତିଶତ ଲୋକଙ୍କ ନିକଟରେ କ୍ରେଡିଟ୍ କାର୍ଡ ଅଛି। ଯଦି ଆମେ ଜନସଂଖ୍ୟାର ଶତକଡ଼ା ଅନୁଯାୟୀ ହିସାବ କରି ଦେଖିବା, ତେବେ କ୍ରେଡିଟ୍ କାର୍ଡ ବ୍ୟହାର ଦୃଷ୍ଟିରୁ ଭାରତ ବିଶ୍ୱର ଶୀର୍ଷ ଦେଶ ତାଲିକାରେ ନାହିଁ। ତାଲିକାର ନିମ୍ନରେ ଥିବା ଦଶଟି ଦେଶ ମଧ୍ୟରେ ଭାରତର ନାମ ରହିଛି। କିନ୍ତୁ ଦୁନିଆରେ ମଧ୍ୟ ଏପରି ଏକ ଦେଶ ରହିଛି, ଯେଉଁଠାରେ କୌଣସି ଜଣେ ବ୍ୟକ୍ତିଙ୍କର କ୍ରେଡିଟ କାର୍ଡ ନାହିଁ। ଆଫଗାନିସ୍ତାନରେ ଜଣଙ୍କ ପାଖରେ ବି କ୍ରେଡିଟ କାର୍ଡ ନାହିଁ। ତେବେ ପାକିସ୍ତାନ ଏବଂ ବାଂଲାଦେଶର ଅବସ୍ଥା ମଧ୍ୟ କୌଣସି ଦୃଷ୍ଟିରୁ ଭଲ ନାହିଁ। ବିଶ୍ୱ ବ୍ୟାଙ୍କ ରିପୋର୍ଟ ଅନୁଯାୟୀ, କ୍ରେଡିଟ କାର୍ଡ ବ୍ୟବହାରରେ କାନାଡା ପ୍ରଥମ ସ୍ଥାନରେ ରହିଛି। ଏହି ଦେଶର ଜନସଂଖ୍ୟାର ୮୨.୭୪ ପ୍ରତିଶତ କ୍ରେଡିଟ୍ କାର୍ଡ ବ୍ୟବହାର କରନ୍ତି। ଇସ୍ରାଏଲର ୭୯.୦୫ ଲୋକ, ଆଇସଲ୍ୟାଣ୍ଡରେ ୭୪%, ହଂକଂରେ ୭୧.୬୩%, ଜାପାନରେ ୬୯.୬୬%, ସ୍ୱିଜରଲ୍ୟାଣ୍ଡରେ ୬୮.୨୧%, ଦକ୍ଷିଣ କୋରିଆରେ ୬୮.୪୪%, ନରୱେରେ ୬୬.୭୪% ଏବଂ ଆମେରିକାରେ ୬୬.୭% ଲୋକ କ୍ରେଡିଟ କାର୍ଡ ବ୍ୟବହାର କରୁଛନ୍ତି। ସେହିଭଳି ବ୍ରିଟେନରେ ୬୨.୧୧% ଲୋକ, ଇଟାଲୀରେ ୫୭.୮୮%, ଜର୍ମାନୀରେ ୫୬.୫୨%, ଅଷ୍ଟ୍ରେଲିଆରେ ୫୧.୪୧%, ସିଙ୍ଗାପୁରରେ ୪୧.୭୪% ଏବଂ ଚାଇନାରେ ୩୭.୯୫% ଲୋକ କ୍ରେଡିଟ କାର୍ଡ ବ୍ୟବହାର କରୁଛନ୍ତି।





କ୍ରେଡିଟ୍ କାର୍ଡ ବ୍ୟବହାର ଦୃଷଟିରୁ ଦେଖିଲେ ଆଫଗାନିସ୍ତାନର ସ୍ଥିତି କୌଣସି ଦୃଷ୍ଟିରୁ ଭଲ ନାହିଁ। ଆଫଗାନିସ୍ତାନ ହେଉଛି ବିଶ୍ୱର ଏକମାତ୍ର ଦେଶ ଯେଉଁଠାରେ କୌଣସି ବ୍ୟକ୍ତି କ୍ରେଡିଟ କାର୍ଡ ବ୍ୟବହାର କରନ୍ତି ନାହିଁ।

ଏହି ଇସଲାମିକ ଦେଶ ତାଲିବାନ ଦ୍ୱାରା ଶାସିତ। ଏହା ପଛକୁ ପାକିସ୍ତାନ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ଦେଶରେ କ୍ରେଡିଟ୍ କାର୍ଡ ବ୍ୟବହାରକାରୀଙ୍କ ସଂଖ୍ୟା ମାତ୍ର ୦.୨୨%। ବାଂଲାଦେଶରେ ଏହି ସଂଖ୍ୟା ୦.୬୨%। ଏହାପରେ ଇଣ୍ଡୋନେସିଆ (୧.୬%), ନାଇଜେରିଆ (୧.୬୧%) ଏବଂ ଇଜିପ୍ଟ (୨.୮%) ରହିଛି। ଏହି ତାଲିକାରେ ନିମ୍ନରୁ ୪.୬୨ ପ୍ରତିଶତ ସହ ଭାରତ ସପ୍ତମ ସ୍ଥାନରେ ରହିଛି। ତେବେ ଭାରତରେ କ୍ରେଡିଟ୍ କାର୍ଡ ବ୍ୟବହାର କରୁଥିବା ଲୋକଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଡିସେମ୍ବର ୨୦୨୩ ସୁଦ୍ଧା ଦେଶରେ ୯.୭୯ କୋଟି କ୍ରେଡିଟ କାର୍ଡ ଜାରି କରାଯାଇଛି। କେବଳ ଡିସେମ୍ବରରେ ଦେଶରେ ୧୯ ଲକ୍ଷ କ୍ରେଡିଟ କାର୍ଡ ଜାରି କରାଯାଇଥିଲା।

# ପିଆଜ ରପ୍ତାନି କଟକଣା ବଢ଼ିଲା



**ଉଚ୍ଚ ଦର ନିୟନ୍ତ୍ରଣ କରିବାକୁ ପ୍ରୟାସ**

**ନୂଆଦିଲ୍ଲୀ,୨୪।୩(ଏଜେନ୍ସି)**

କେନ୍ଦ୍ର ସରକାର ପିଆଜ ରପ୍ତାନୀ ଉପରେ ଅନିର୍ଦ୍ଦିଷ୍ଟ କାଳ ପାଇଁ କଟକଣା ଲାଗୁ କରିଛନ୍ତି। ଘରୋଇ ବଜାରରେ ଉପଲବ୍ଧତା ବଢ଼ାଇବା ଓ ଏହାର ମୂଲ୍ୟ ନିୟନ୍ତ୍ରଣ ରଖିବା ପାଇଁ କେନ୍ଦ୍ର ସରକାର ନିଷେଧାଦେଶ ସମୟ ବୃଦ୍ଧି କରିଛନ୍ତି। ପୂର୍ବରୁ ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ପିଆଜ ରପ୍ତାନୀ ଉପରେ ନିଷେଧାଦେଶ ଜାରି କରାଯାଇଥିଲା। ତେବେ ଦେଶରେ ପିଆଜ ଦର ବୃଦ୍ଧିକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୨୩ ଡିସେମ୍ବରରେ ଏହାର ରପ୍ତାନି ଉପରେ କଟକଣା ଲଗାଇଥିଲେ। ଏହି କଟକଣା ପରେ ଭାରତରେ ପିଆଜ ଦର ଅଧାରୁ କମ୍ ହୋଇଯାଇଛି। ଏହା ବ୍ୟତୀତ ଚଳିତ ଋତୁର ନୂଆ ଫସଲ ମଧ୍ୟ ବଜାରରେ ପହଞ୍ଚିବା ଆରମ୍ଭ କରିଛି। ଏହାପରେ ଏହି ପ୍ରତିବନ୍ଧକ ହଟାଯାଇପାରେ ବୋଲି ବ୍ୟବସାୟୀମାନେ ଆଶା କରୁଥିଲେ। ମାତ୍ର ଶୁକ୍ରବାର ରାତିରେ କେନ୍ଦ୍ର ସରକାର କଟକଣା ଜାରି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ ପିଆଜ ରପ୍ତାନି ଉପରେ କଟକଣା ଜାରି ରହିବ ବୋଲି କୁହାଯାଇଛି। ଅନ୍ୟପଟେ ରପ୍ତାନି କରୁଥିବା କମ୍ପାନୀଗୁଡିକ ଏହି ନିଷ୍ପତ୍ତିକୁ ଅନାବଶ୍ୟକ ବୋଲି କହିଛନ୍ତି। ପିଆଜର ହୋଲ୍‌ସେଲ ମୂଲ୍ୟ ଗତ ଡିସେମ୍ବରରେ ପିଆଜ ମୂଲ୍ୟ କୁଇଣ୍ଟାଲ ପିଛା ୪୫୦୦ ଟଙ୍କା ଅତିକ୍ରମ କରିଥିଲା। ତେବେ ବାଂଲାଦେଶ, ମାଲେସିଆ, ନେପାଳ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ଭାରତରୁ ଆସୁଥିବା ପିଆଜ ଉପରେ ନିର୍ଭରଶୀଳ।

# ହସ୍ତତନ୍ତ ଓ ହସ୍ତଶିଳ୍ପ କ୍ଷେତ୍ରରେ ରୂପାନ୍ତରଣ ଆଣିଛି 'ଅନ୍ତରଣ ଉତ୍ସବ'

**ଭୁବନେଶ୍ୱର,୨୪।୩(ସମିସ):** ମୌଳିକ କାରିଗରୀକୁ ପ୍ରୋତ୍ସାହନ ଦେବା ତଥା ହସ୍ତତନ୍ତ କ୍ଷେତ୍ରରେ ରୂପାନ୍ତରଣ ଆଣିବା ଉଦ୍ଦେଶ୍ୟରେ ଟାଟା ଟ୍ରଷ୍ଟ ପକ୍ଷରୁ ଆରମ୍ଭ ହୋଇଛି 'ଅନ୍ତରଣ' ଉତ୍ସବ। ଏହି ଉତ୍ସବ ଭୁବନେଶ୍ୱରରର ନ୍ୟୁ ମ୍ୟାରିୟଟ ହୋଟେଲ୍‌ଠାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଓଡ଼ିଶାର ମାଣିଆବନ୍ଧ ଏବଂ ସିଲ୍କ ଗୋପାଳପୁରର କାରିଗରୀକୁ ଭିତ୍ତିକରି ଏଠାରେ ଏଭଳି ଏକ ପ୍ରଦର୍ଶନୀ ଆୟୋଜନ କରାଯାଇଛି, ଯେଉଁଠାରେ ନୂଆ ପିଢ଼ିର ଯୁବ କାରିଗରଙ୍କ ସର୍ଜନାରେ ବୁଣାଯାଇଥିବା ଶାଢ଼ି, ଓଢ଼ଣୀ, ଷ୍ଟୋଲ ପ୍ରଭୃତି ପ୍ରଦର୍ଶନ କରାଯାଉଛି। ଏଗୁଡ଼ିକ ଟସର ଘୀଚା, ମଲବେରୀ ଏବଂ କପା ସୂତାରେ ତିଆରି କରାଯାଇଛି। ଅନ୍ତରଣ ହେଉଛି ଭାରତର ହସ୍ତତନ୍ତ ଓ ହସ୍ତଶିଳ୍ପ କ୍ଷେତ୍ରରେ ରୂପାନ୍ତରଣ ଆଣିବା ଲାଗି ଟାଟା ଟ୍ରଷ୍ଟର ଏକ ଉଦ୍ୟମ। ଏଥିରେ ବୁଣାକାରଙ୍କୁ ବୈଷୟିକ, ଔଦ୍ୟୋଗିକ ଓ ବଜାର ସହାୟତା ଯୋଗାଇ ଦିଆଯାଉଛି। ପ୍ରାଥମିକ ପର୍ଯ୍ୟାୟରେ ଏହି ଉଦ୍ୟମ ୫ ବର୍ଷ ଯାଏ ଜାରି ରହିବ। ଏଥିରେ ବିଭିନ୍ନ ସ୍ଥାନରେ ଇନ୍‌କ୍ୟୁବେସନ୍ ଏବଂ ଡିଜାଇନ୍ କେନ୍ଦ୍ର ଖୋଲାଯିବାର କାର୍ଯ୍ୟକ୍ରମ ଥିବା ଟାଟା ଟ୍ରଷ୍ଟ ପକ୍ଷରୁ କୁହାଯାଇଛି।

# ଟ୍ରେନ୍‌ର ପ୍ୟାଣ୍ଟ୍ରି କାର୍‌ରେ ଖାଦ୍ୟ ରନ୍ଧାହେବ ନାହିଁ

**ନୂଆଦିଲ୍ଲୀ,୨୪।୩(ଏଜେନ୍ସି):** ଟ୍ରେନରେ ଯାତ୍ରା କରିବା ସମୟରେ ଆପଣଙ୍କୁ ଟ୍ରେନର ପ୍ୟାଣ୍ଟ୍ରି କାରରୁ ପ୍ରସ୍ତୁତ ଖାଦ୍ୟ ମିଳିଥାଏ। ଯାତ୍ରୀମାନେ ଲମ୍ବା ରୁଟରେ ଯାତ୍ରା ସମୟରେ ସର୍ବଦା ଖାଦ୍ୟ ଅର୍ଡର କରିଥାନ୍ତି। କିନ୍ତୁ ଆଗକୁ ଆଉ ଯାତ୍ରୀମାନଙ୍କୁ ଟ୍ରେନର ପ୍ୟାଣ୍ଟ୍ରି କାରରୁ ଖାଦ୍ୟ ରନ୍ଧା ଖାଦ୍ୟ ଅର୍ଡର କରିହେବ ନାହିଁ। ବର୍ତ୍ତମାନ ଟ୍ରେନର ପ୍ୟାଣ୍ଟ୍ରି କାରରେ ରୋଷେଇ କରିବାର ସମ୍ପୂର୍ଣ୍ଣ ନିୟମ ପରିବର୍ତ୍ତନ ହେବାକୁ ଯାଉଛି। ଜୁନ୍ ମାସରୁ ଭାରତୀୟ ରେଳବାଇର ପ୍ୟାଣ୍ଟ୍ରି କାରରେ ଯାତ୍ରୀଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ ହେବ ନାହିଁ। କେବଳ ଆବଶ୍ୟକ ସମୟରେ ପାଣି ଗରମ କରିବା ପାଇଁ ପ୍ୟାଣ୍ଟ୍ରି ବ୍ୟବହାର କରାଯିବ। ଟ୍ରେନର ପ୍ୟାଣ୍ଟ୍ରି କାରରେ ରୋଷେଇ ବନ୍ଦ କରିବା ସହିତ ରେଳ ଷ୍ଟେସନ ଚାରିପାଖରେ ଅବସ୍ଥିତ ଆଇଆର୍‌ସିଟିସିର ମୂଳ ରୋଷେଇ ଘର ବନ୍ଦ କରିବାକୁ ମଧ୍ୟ ଏବେ ପ୍ରସ୍ତୁତି ଚାଲିଛି। ରେଳବାଇ କ୍ଲଷ୍ଟରରେ ପ୍ୟାଣ୍ଟ୍ରି କାର ଚଳାଇବା ପାଇଁ ପ୍ରସ୍ତୁତି ଚଳାଇଛି, ଯେଉଁଠାରୁ ଯାତ୍ରୀମାନଙ୍କ ପାଇଁ ଖାଦ୍ୟ ଏବଂ ଜଳଖିଆ ପ୍ରସ୍ତୁତ ହୋଇପାରିବ। ସେହି ଖାଦ୍ୟକୁ ହିଁ ଟ୍ରେନରେ ପରିବେଷଣ କରାଯିବ। ବର୍ତ୍ତମାନ ବନ୍ଦେ ଭାରତ ଟ୍ରେନରେ ମଧ୍ୟ ସମାନ ବ୍ୟବସ୍ଥା ରହିଛି। ସେଥିରେ କେବଳ ପାଣି ଗରମ କରିବା ବ୍ୟବସ୍ଥା ରହିଛି। ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ବାହାରୁ ପ୍ରସ୍ତୁତ ହୋଇ ଯାତ୍ରୀମାନଙ୍କୁ ଦିଆଯାଉଛି।



**ଜୁଲାଇରୁ ସମଗ୍ର ଖାଦ୍ୟ ବ୍ୟବସ୍ଥାରେ ହେବ ପରିବର୍ତ୍ତନ**

ଏହି ପରିବର୍ତ୍ତନ ସମ୍ପର୍କରେ ଭାରତୀୟ ରେଳବାଇ କହିଛି ଯେ ଯାତ୍ରୀମାନଙ୍କୁ ଭଲ ଗୁଣବତ୍ତା ଖାଦ୍ୟ ଯୋଗାଇ ଦିଆଯିବା ଉଚିତ୍। ସେଥିପାଇଁ ଏହି ପରିବର୍ତ୍ତନଗୁଡିକ କରାଯାଉଛି। ବିଭିନ୍ନ ଏଜେନ୍ସିରେ ବିଭିନ୍ନ ରୁଟରେ ପ୍ୟାଣ୍ଟ୍ରି କାର୍ ପରିଚାଳନା କରିବାର କାର୍ଯ୍ୟ ଦିଆଯିବ, ଯାହାଦ୍ୱାରା ଖାଦ୍ୟର ଗୁଣବତ୍ତା ଉନ୍ନତ ହୋଇପାରିବ। ଗୋଟିଏ ମାର୍ଗରେ କେବଳ ୫ରୁ ୭ଟି ଟ୍ରେନରେ ଖାଦ୍ୟ ପରିବେଷଣ କରିବାର ଦାୟିତ୍ୱ ରହିବ। ଏହି ଏଜେନ୍ସିଗୁଡ଼ିକୁ ରେଳ ଷ୍ଟେସନ ଚାରିପାଖରେ ସେମାନଙ୍କର ରୋଷେଇ ଘର ପ୍ରସ୍ତୁତ କରିବାକୁ ପଡି, ଯେଉଁଠାରେ ଏଜେନ୍ସିମାନେ ଖାଦ୍ୟ ପ୍ରସ୍ତୁତ କରିବା ଏବଂ ଯାତ୍ରୀମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ଦାୟୀ ରହିବେ। ବର୍ତ୍ତମାନ ରେଳବାଇ ଏଜେନ୍ସିରୁ ଟେଣ୍ଡର ଆମନ୍ତ୍ରଣ କରିଛି।

# ବର୍ଷକରେ ସୁନାରୁ ମିଳିଛି ସର୍ବାଧିକ ରିଟର୍ଣ୍ଣ

**ନୂଆଦିଲ୍ଲୀ,୨୪।୩(ଏଜେନ୍ସି)**



- ରୁପାରୁ ମିଳିଛି ୩.୨% ଲାଭ
- ୨୦୨୦ରେ ମିଳିଥିଲା ସର୍ବାଧିକ ୨୨% ରିଟର୍ଣ୍ଣ
- ୨୦୧୫ରେ ମିଳିଥିଲା ସୁନା ମୂଲ୍ୟରେ ୮.୨% ହ୍ରାସ ଘଟିଥିଲା
- ୨୦୧୨-୨୦୨୪ରେ ରୁପାରୁ ନିବେଶକଙ୍କୁ ୭ଥର ସକାରାତ୍ମକ ରିଟର୍ଣ୍ଣ
- ୨୦୨୧ରେ ରୁପା ଦେଇଥିଲା ସର୍ବାଧିକ ୬୧.୫% ରିଟର୍ଣ୍ଣ

୨୦୨୩-୨୪ ଆର୍ଥିକ ବର୍ଷ (ଏପ୍ରିଲ-ମାର୍ଚ୍ଚ) ଶେଷ ହେବାକୁ ଯାଉଛି | ଯଦି ଆମେ ସୁନା ବିଷୟରେ କହିବା, ତେବେ ଚଳିତବର୍ଷର ଏ ପର୍ଯ୍ୟନ୍ତ ସୁନାର ନିବେଶକଙ୍କୁ ୧୧ ପ୍ରତିଶତ ରିଟର୍ଣ୍ଣ ମିଳିଛି, ଯାହାକି ବର୍ତ୍ତମାନର ମୁଦ୍ରାସ୍ଫୀତି ହାରଠାରୁ ଦୁଇଗୁଣ ଅଧିକ। ତେବେ ସମାନ ଅବଧିରେ ରୁପା ଗ୍ରାହକଙ୍କୁ ମାତ୍ର ୩.୨ ପ୍ରତିଶତ ରିଟର୍ଣ୍ଣ ଦେଇଥିଲା। ଆନ୍ତର୍ଜାତୀୟ ବଜାରରେ ଉଭୟ ସୁନା ଏବଂ ରୁପା ସେମାନଙ୍କ ପ୍ରତିଯୋଗୀଙ୍କ ଅପେକ୍ଷା ଭଲ ପ୍ରଦର୍ଶନ କରିଛନ୍ତି। ୨୦୨୪ ଆର୍ଥିକ ବର୍ଷରେ କୋମେକ୍ସରେ ଏ ପର୍ଯ୍ୟନ୍ତ ସୁନା ମୂଲ୍ୟରେ ୧୦ ପ୍ରତିଶତ ବୃଦ୍ଧି ଘଟିଥିବାବେଳେ ରୁପା ମୂଲ୍ୟରେ ୧.୮ ପ୍ରତିଶତ ବୃଦ୍ଧି ଘଟିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ ର ଆକଳନ ଅନୁଯାୟୀ ଚଳିତ ଆର୍ଥିକବର୍ଷ ପାଇଁ ଖୁଚୁରା ମୁଦ୍ରାସ୍ଫୀତି ୫.୪ ପ୍ରତିଶତ ରହିବା ନେଇ ଆକଳନ କରାଯାଇଛି।

ଅପପକ୍ଷେ ରିଟର୍ଣ୍ଣ ଦୃଷ୍ଟିରୁ, ଚଳିତ ଆର୍ଥିକ ବର୍ଷ ସୁନା ପାଇଁ ସର୍ବୋତ୍ତମ ବର୍ଷ ନୁହେଁ। ଗତ ଦୁଇ ଆର୍ଥିକବର୍ଷରେ ସୁନା ନିବେଶକଙ୍କୁ ଭଲ ରିଟର୍ଣ୍ଣ ଦେଇଛି। ୨୦୨୩ ଆର୍ଥିକବର୍ଷରେ ସୁନା ୧୫.୨ ପ୍ରତିଶତ ରିଟର୍ଣ୍ଣ ଦେଇଥିଲା। ୨୦୨୨ ଆର୍ଥିକବର୍ଷରେ ସୁନା ମୂଲ୍ୟରେ ୧୫.୬ ପ୍ରତିଶତ ବୃଦ୍ଧି ଦେଖିବାକୁ ମିଳିଥିଲା। ୨୦୧୨ଠାରୁ ସୁନାର ରିଟର୍ଣ୍ଣକୁ ଦେଖିଲେ ଏହା ଦର୍ଶାଏ ଯେ ଏମ୍‌ସିଏକ୍ସରୁ ୨୦୨୧ରେ ସୁନା ନିବେଶକଙ୍କୁ ସର୍ବାଧିକ ରିଟର୍ଣ୍ଣ ଦେଖାଥିଲା, ଯେତେବେଳେ କି ସୁନା ମୂଲ୍ୟରେ ସର୍ବାଧିକ ୩୬.୩ ପ୍ରତିଶତ ବୃଦ୍ଧି ଦେଖାଯାଇଥିଲା। ଏହାପରେ 2020 ଆର୍ଥିକବର୍ଷରେ ଏହା ସୁନା ମୂଲ୍ୟ ୩୫.୫ ପ୍ରତିଶତ ବୃଦ୍ଧି ଘଟଇଥିଲା। ଏହାବାଦ୍ ଏହି ବର୍ଷଗୁଡିକ ମଧ୍ୟରେ ଏମିତି ତିନୋଟି ଆର୍ଥିକ ବର୍ଷ ରହିଥିଲା ଯେଉଁଥିରେ ସୁନା ନିବେଶକମାନଙ୍କୁ ନକାରାତ୍ମକ ରିଟର୍ଣ୍ଣ ଦେଇଥିଲା। ସୁନା ଉପରେ ନିବେଶକଙ୍କୁ ସବୁଠାରୁ ଅଧିକ କ୍ଷତି ୨୦୧୫ ଆର୍ଥିକବର୍ଷରେ ମିଳିଥିଲା। ସେହିବର୍ଷ ସୁନା ମୂଲ୍ୟରେ ୮.୨ ପ୍ରତିଶତ ହ୍ରାସ ଘଟିଥିଲା। ତେବେ ସର୍ବାଧିକ ଲାଭ ଦୃଷ୍ଟିରୁ ୨୦୨୦ରେ ୨୨ ପ୍ରତିଶତ, ୨୦୧୨ ରେ ୧୬ ପ୍ରତିଶତ ଏବଂ ୨୦୨୧ ରେ ୧୩.୫ ପ୍ରତିଶତ ସର୍ବାଧିକ ରିଟର୍ଣ୍ଣ ମିଳିଥିଲା।

ଯଦି ଆମେ ରୂପା ବିଷୟରେ ଆଲୋଚନା କରିବା ତେବେ ୨୦୨୧ ଆର୍ଥିକବର୍ଷରେ ରୁପାରୁ ନିବେଶକଙ୍କୁ ୬୧.୫ ପ୍ରତିଶତ ସର୍ବାଧିକ ରିଟର୍ଣ୍ଣ ମିଳିଥିଲା। ଏହାପରେ, ୨୦୧୭ ଆର୍ଥିକବର୍ଷରେ ୧୫.୨ ପ୍ରତିଶତ ରିଟର୍ଣ୍ଣ ମିଳିଥିଲା। ୨୦୧୨ ଏବଂ ୨୦୨୪ ମଧ୍ୟରେ ଏମ୍‌ସିଏକ୍ସ ରୁପାରେ ନିବେଶକଙ୍କୁ ରୁପା ୭ଥର ସକାରାତ୍ମକ ରିଟର୍ଣ୍ଣ ୨୦୧୭ ଆର୍ଥିକବର୍ଷରେ ରୂପା ସର୍ବାଧିକ ୧୯.୩ ପ୍ରତିଶତ କ୍ଷତି ସହିଛି। ଏହାପରେ ୨୦୧୫ ଆର୍ଥିକବର୍ଷରେ ଏହା ୧୩.୨ ପ୍ରତିଶତ କ୍ଷତି ସହିବାକୁ ପଡିଥିଲା। କେବଳ ୪ ଥର କମେକ୍ସରୁ ରୁପା ସକରାତ୍ମକ ରିଟର୍ନ ଦେଇଛି। ୨୦୨୧ ଆର୍ଥିକବର୍ଷରେ ୭୪.୭ ପ୍ରତିଶତ ରିଟର୍ଣ୍ଣ ସର୍ବାଧିକ। ୨୦୧୪ ଆର୍ଥିକବର୍ଷରେ କମେକ୍ସରେ ରୂପା ମୂଲ୍ୟରେ ୩୦ ପ୍ରତିଶତରୁ ଅଧିକ ହ୍ରାସ ଘଟିଛି।

# ପେନ୍‌ସନ୍ ଉତ୍ପାଦରେ ନିବେଶ ପାଇଁ ଉପଯୁକ୍ତ ସମୟ

ICICI PRUDENTIAL
LIFE INSURANCE

**ଭୁବନେଶ୍ୱର,୨୪।୩(ସମିସ):** ବିଭିନ୍ନ ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି ଯେ, ଭାରତରେ ସୁଧ ହାର ଆସନ୍ତା କିଛି ମାସରେ ବର୍ତ୍ତମାନର ହାରାହାରି ସ୍ତରରୁ ହ୍ରାସ ପାଇବ। ବିଭିନ୍ନ ଆନ୍ୟୁଟି ଉତ୍ପାଦକ ମଧ୍ୟରେ ଆଇସିଆଇସିଆଇ ପ୍ରୁ ଗ୍ୟାରେଣ୍ଟେଡ୍ ପେନ୍‌ସନ ପ୍ଲାନ୍ ଫ୍ଲେକ୍ସି ସ୍ୱତନ୍ତ୍ର ଭାବେ ଉଭା ହୋଇଛି କାରଣ ଏହା ଗ୍ରାହକଙ୍କୁ ସିଷ୍ଟମାଟିକ ବା ବ୍ୟବସ୍ଥିତ ଭାବେ ନିବେଶ କରି ଏକ ଅବସରକାଳୀନ ପାଣ୍ଠି ନିର୍ମାଣ କରିବା ପାଇଁ ସାହାଯ୍ୟ କରୁଛି। ଏହା ଅବସର ପରେ ଏକ ନିଶ୍ଚିତ ଓ ସ୍ଥିର ଆୟ ସୁନିଶ୍ଚିତ କରୁଛି, ଯାହା ବିଶେଷ କରି ଭାରତ ଭଳି ବଜାରଗୁଡିକରେ ଲାଭଦାୟକ ଅଟେ ଯେଉଁଠାରେ ସୁଧ ହାର ହ୍ରାସ ପାଇବ ବୋଲି ଆକଳନ କରାଯାଇଛି। ଏହାବ୍ୟତୀତ ଏହି ପ୍ଲାନ୍‌ର ଏକ ଭାରିଆଣ୍ଟ ଏକ ସ୍ୱତନ୍ତ୍ର ଫିଚର ପ୍ରଦାନ କରୁଛି ଯାହା ପଇଠ କରାଯାଇଥିବା ସମସ୍ତ ପ୍ରିମିୟମର ୧୦୦% ରିଫଣ୍ଡ ପ୍ରଦାନ କରୁଛି, ଯାହା ଏହାକୁ ଜୀବନ ବୀମା ଶିଳ୍ପର ଏଭଳି ପ୍ରଥମ ଉତ୍ପାଦରେ ପରିଣତ କରୁଛି। କେବଳ ଜୀବନ ବୀମା କମ୍ପାନୀଗୁଡିକ ପ୍ରଦାନ କରୁଥିବା ପେନ୍ସନ କିମ୍ବା ଆନ୍ୟୁଟି ପ୍ରଡକ୍ଟଗୁଡିକ ଜୀବନକାଳ ପାଇଁ ଏକ ନିଶ୍ଚିତ ନିୟମିତ ଆୟ ଦେଇଥାନ୍ତି। ଏଥିରେ କ୍ରୟ ସମୟର ସୁଧ ହାରକୁ ଲକ୍-ଇନ୍ କରାଯାଇଥାଏ। ଅବସରପ୍ରାପ୍ତ ଲୋକମାନେ ସୁଧହାରର ଅସ୍ଥିରତା ଦ୍ୱାରା ପ୍ରଭାବିତ ହେଉନଥିବା ଏକ ସ୍ଥିର ଆୟକୁ ପସନ୍ଦ କରିଥାନ୍ତି, ତେଣୁ ଏଥିପାଇଁ ଆନ୍ୟୁଟି କିମ୍ବା ପେନ୍ସନ ପ୍ରଡକ୍ଟଗୁଡିକ ସର୍ବୋତ୍ତମ ବିକଳ୍ପ,ଯାହା ସେମାନଙ୍କୁ ଆର୍ଥିକ ରୂପେ ସ୍ୱାଧୀନ କରିବା ପାଇଁ ସକ୍ଷମ କରି ନିୟମିତ ଆୟ ପ୍ରଦାନ କରିଥାଏ।

